ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

NS-EN ISO 9001:2008 The Only ISO Certified Odiya Newspaper

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

• ବର୍ଷ–୩୧ • ସଂଖ୍ୟା–୧୯ • ୧୪ଫେବୃଆରୀ ୨୦୨୪, ବୁଧବାର • ଭୁବନେଶ୍ୱର • Vol -31 • Issue-19 • 14th February 2024, Wednesday • Bhubaneswar | Licensed to post without pre-payment of postage No- BN-60/22-24







# ମମତା ଯୋଜନା ସହାୟତା ରାଶି ୨ଗୁଣ ହେଲା

**ଭୁବନେଶ୍ୱର, ୧୩।୨**
**ନ୍ୟୁଜ୍ ବ୍ୟୁରୋ**

ମମତା ଯୋଜନା ସହାୟତା ରାଶି ୨ଗୁଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି । ବର୍ତ୍ତମାନ ମମତା ଯୋଜନାରେ ଗର୍ଭବତୀ ମହିଳାମାନଙ୍କୁ ୨ଟି କିସ୍ତିରେ ୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ମୁଖ୍ୟମନ୍ତ୍ରୀଙ୍କ ନୂଆ ନିଷ୍ପତ୍ତି ଅନୁଯାୟୀ ଗର୍ଭବତୀ ମହିଳାମାନଙ୍କୁ ୧୦ ହଜାର ଟଙ୍କା ସହାୟତା ମିଳିବ। ଅଗଷ୍ଟ ୨୦୨୩ରୁ ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ବର୍ଦ୍ଧିତ ରାଶି ପାଇବେ। ଚଳିତ ଫେବୃଆରୀ ମାସ ୨୦ ରୁ ୨୫ ତାରିଖ ମଧ୍ୟରେ ବକେୟା ରାଶି ହିତାଧିକାରୀମାନଙ୍କୁ ମିଳିବ । ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଓ ପୁଷ୍ଟି ହୀନତା ହ୍ରାସ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୧ ମସିହାରେ ଲୋକପ୍ରିୟ ମମତା ଯୋଜନାର ଶୁଭାରମ୍ଭ କରିଥିଲେ। ମମତା ଯୋଜନା ବେଶ ଲୋକପ୍ରିୟ ଯୋଜନା ଏବଂ ଏହାକୁ ଜାତୀୟ ସ୍ତରରେ ଏକ ମଡେଲ ଭାବରେ ଗ୍ରହଣ କରାଯାଇଛି ।



ନୂଆ ମମତା ଯୋଜନାରେ ୨ଟି କିସ୍ତିରେ ହିତାଧିକାରୀଙ୍କ ଜମା ଖାତାକୁ ସହାୟତା ରାଶି ସିଧାସଳଖ ଦିଆଯିବ । ପ୍ରଥମ କିସ୍ତିରେ(ଗର୍ଭାବସ୍ଥାର ୬ ମାସ ପରେ ) ୬୦୦୦ ଟଙ୍କା ଏବଂ ଦ୍ୱିତୀୟ କିସ୍ତିରେ ଶିଶୁକୁ ଦଶମାସ ହେବା ପରେ ୪୦୦୦ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରଖାଯାଇଛି।

୧୯ ବର୍ଷରୁ ଊର୍ଦ୍ଧ୍ୱ ସବୁ ଗର୍ଭବତୀ ମହିଳା ୨ଟି ଜୀବିତ ସନ୍ତାନ ନିମନ୍ତେ ଏହି ସହାୟତା ପାଇପାରିବେ।

୧୩ଟି ନିର୍ଦ୍ଦିଷ୍ଟ ଆଦିମ ଜନଜାତି ଗୋଷ୍ଠୀର ମା'ମାନଙ୍କୁ ପ୍ରତ୍ୟେକ ଗର୍ଭ ନିମନ୍ତେ ମମତା ସହାୟତା ରାଶି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ସୂଚନାଯୋଗ୍ୟ ଯେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ମା' ମାନେ ଏହି ସହାୟତା ରାଶି ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଏହା ଆସିବା ପରେ ମମତା ଯୋଜନାର ସହାୟତା ରାଶି ପରିମାଣକୁ ବୃଦ୍ଧି କରିଛନ୍ତି।

ଉଲ୍ଲେଖଯୋଗ୍ୟ ଏହି ଯୋଜନା ଆରମ୍ଭ ହେବାଠାରୁ ଏ ପର୍ଯ୍ୟନ୍ତ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୂତି ମା' ଉପକୃତ ହେଉଛନ୍ତି। ଏଥି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨,୯୦୦ କୋଟି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଛି । ଏହି ଯୋଜନା ବିଷୟରେ ସୂଚନା ବା ଅଭିଯୋଗ ନିମନ୍ତେ ୧୮୧ ହେଲ୍ପଲାଇନକୁ କଲ୍ କରନ୍ତୁ କିମ୍ବା ନିକଟସ୍ଥ ଅଙ୍ଗନବାଡି କେନ୍ଦ୍ରକୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

# ଛାତ୍ରଛାତ୍ରୀଙ୍କୁ ମିଳିବ ନୂଆ-ଓ ସ୍କଲାରସିପ୍

## ଛାତ୍ରୀଙ୍କୁ ୧୦ ହଜାର ଓ ଛାତ୍ରଙ୍କୁ ୯ ହଜାର

**ଭୁବନେଶ୍ୱର, ୧୩।୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ଯାଜପୁର ଜିଲ୍ଲା ଗସ୍ତ କରି ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ ଯେ, ରାଜ୍ୟ କ୍ୟାବିନେଟରେ ନୂଆ-ଓ ଛାତ୍ରବୃତ୍ତି ଯୋଜନା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ଯୋଜନାରେ ଓଡ଼ିଶା ସରକାରଙ୍କ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ସଂସ୍କୃତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।

ଏହି ଯୋଜନାରେ ଛାତ୍ର ମାନଙ୍କୁ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ। ସେହିପରି ଏସସି/ଏସଟି ତଥା ନିର୍ମାଣ ଶ୍ରମିକଙ୍କ ପୁଅ ମାନଙ୍କୁ ୧୦ହଜାର ଟଙ୍କା ଓ ଝିଅ ମାନଙ୍କୁ ୧୧ ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି ବୋଲି ସେ ସୂଚନା ଦେଇଥିଲେ।




ସ୍ଥାୟୀ ସରକାରୀ ଚାକିରିଆ ଅଥବା ଆୟକର ଦେଉଥିବା ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ପିଲାମାନେ ଏହି ଯୋଜନା ଅନୁଯାୟୀ ଯୋଗ୍ୟ ବିବେଚିତ ହେବେ ନାହିଁ ବୋଲି ସେ କହିଥିଲେ।

ସେ ଆହୁରି ମଧ୍ୟ କହିଥିଲେ ଯେ ଚଳିତ ଶିକ୍ଷାବର୍ଷରେ ନୂଆ-ଓ ଛାତ୍ରବୃତ୍ତି ଟଙ୍କା ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଫେବୃଆରୀ ୨୦ ତାରିଖରୁ ମାସ ଶେଷ ସୁଦ୍ଧା ସିଧାସଳଖ ହସ୍ତାନ୍ତର କରାଯିବ। ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶାର ସ୍ୱପ୍ନକୁ ବାସ୍ତବ ରୂପାୟନ ଓ ଯୁବ (ପୃଷ୍ଠା ୭ରେ)

## ବାଂଲାଦେଶ ଓ ଶ୍ରୀଲଙ୍କା ପରେ ଏବେ ୟୁଏଇରେ ଲଞ୍ଚ ହେଲା ୟୁପିଆଇ

**ନୂଆଦିଲ୍ଲୀ, ୧୩।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁନାଇଟେଡ ଆରବ ଏମିରେଟସ (ୟୁଏଇ) ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟଦ ଅଲ ନାହୟାନଙ୍କ ଉପସ୍ଥିତିରେ ମଙ୍ଗଳବାର ଆବୁଧାବୀଠାରେ ୟୁପିଆଇ ରୂପେ ପେମେଣ୍ଟ ପ୍ରାରମ୍ଭ କରିଛନ୍ତି। ଏବେ ୟୁଏଇରେ ରହୁଥିବା ଭାରତୀୟ ଓ ଭାରତୀୟ ପର୍ଯ୍ୟଟକ ଭାରତୀୟ ମୁଦ୍ରାରେ ପୈଠ କରିପାରିବେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟଦ ଅଲ ନାହୟାନଙ୍କ ମଧ୍ୟରେ ଦ୍ୱିପାକ୍ଷୀୟ ବାର୍ତ୍ତା ହୋଇଥିଲା।

ତେବେ ଆବୁଧାବୀ ପୂର୍ବରୁ ସୋମବାର ଶ୍ରୀଲଙ୍କା ଓ ମରିସସରେ ଭାରତର (ପୃଷ୍ଠା ୭ରେ)


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ବିଏସ୍‌କେୱାଇକୁ ମିଳିଲା ଜାତୀୟ ସ୍କଚ୍ ଆୱାର୍ଡ ସ୍ୱର୍ଣ୍ଣ ପଦ

**ଭୁବନେଶ୍ୱର, ୧୩।୨**
**ନ୍ୟୁଜ୍ ବ୍ୟୁରୋ**

ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଅନନ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜାତୀୟ ସ୍କଚ ଆୱାର୍ଡ ୨୦୨୩ର ସ୍ୱର୍ଣ୍ଣ ପଦ ହାସଲ କରିଛି। ଏଥିପାଇଁ ସ୍କଚ ଆୱାର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନୂଆଦିଲ୍ଲୀସ୍ଥିତ ସମ୍ବିଧାନ କ୍ଲବ ହଲରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ (ପୃଷ୍ଠା ୭ରେ)




# କଳାହାଣ୍ଡି ଜିଲ୍ଲାର ସାନ୍ଦୁଲ ବ୍ୟାରେଜ, ଅନୁଗୋଳ ଜିଲ୍ଲାର ମନଯୋର ଜଳସେଚନ ପ୍ରକଳ୍ପ ଏବଂ ରେଙ୍ଗାଲି ଡ୍ୟାମ ଓ ସମଲ ବ୍ୟାରେଜ କେନାଲ ସିଷ୍ଟମ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୩।୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କଳାହାଣ୍ଡି, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ପାଇଁ ବିଭିନ୍ନ ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଗୁଡିକ ହେଲା- କଳାହାଣ୍ଡି ଜିଲ୍ଲାର ସାନ୍ଦୁଲ ବ୍ୟାରେଜ, ଅନୁଗୋଳ ଜିଲ୍ଲାର ମନଯୋର ଜଳସେଚନ ପ୍ରକଳ୍ପ ଏବଂ (ପୃଷ୍ଠା ୭ରେ)



# ଅଜିତ ପାୱାରଙ୍କ ଦଳକୁ ଅସଲ ଏନସିପି ସ୍ୱୀକୃତି ମିଳିବା ପରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଶରଦ ପାୱାର

**ମୁମ୍ବାଇ, ୧୩।୨**

ମହାରାଷ୍ଟ୍ରରେ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନସିପିକୁ ବଡ଼ ଝଟକା ଲାଗିଛି। ନିକଟ ଅତୀତରେ ଅଜିତ ପାୱାରଙ୍କ ଏନସିପିକୁ ଅସଲ ଏନସିପି ବୋଲି ସ୍ୱୀକୃତି ଦେଇଛନ୍ତି ନିର୍ବାଚନ ଆୟୋଗ। କମିଶନ କହିଛନ୍ତି, ସମସ୍ତ ତଥ୍ୟ ପ୍ରମାଣକୁ ଆଧାର କରି ଏହି ନିଷ୍ପତ୍ତି ନିଆଯାଇଛି । ଏବେ ଅଜିତ ପାୱାର ଗୋଷ୍ଠୀ (ପୃଷ୍ଠା ୭ରେ)



# ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରାର୍ଥୀପତ୍ର ଦାଖଲ କଲେ ବିଜେଡ଼ିର ରାଜ୍ୟସଭା ପ୍ରାର୍ଥୀ

**ଭୁବନେଶ୍ୱର, ୧୩।୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତିରେ ମଙ୍ଗଳବାର ବିଜେଡ଼ିର ଦୁଇ ରାଜ୍ୟସଭା ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବିଧାନସଭାର ନୂଆ କନଫରେନ୍ସ ହଲରେ ଏହି ନାମାଙ୍କନପତ୍ର ଦାଖଲ ବେଳେ ଦଳର ବରିଷ୍ଠ ନେତା ଓ ମନ୍ତ୍ରୀମାନେ ଉପସ୍ଥିତ ରହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡ଼ିର ପ୍ରାର୍ଥୀ ଭାବେ ପୂର୍ବତନ (ପୃଷ୍ଠା ୭ରେ)



# ପୁଣି ଭିଜିବ ଓଡ଼ିଶା, ବର୍ଷା ସହ ହେବ ଘନ କୁହୁଡ଼ି

**ଭୁବନେଶ୍ୱର, ୧୩।୨**
**ନ୍ୟୁଜ୍ ବ୍ୟୁରୋ**

ପୁଣି ଭିଜିବ ଓଡ଼ିଶା । ୧୬ ତାରିଖ ପର୍ଯ୍ୟନ୍ତ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ୧୫ତାରିଖରୁ ବର୍ଷା ବଢ଼ିବ । ୧୬ରେ ଦକ୍ଷିଣ ଓଡ଼ିଶାରେ ବର୍ଷା ସହ ବାକି ଓଡ଼ିଶାରେ ରହିବ କୋହଲା ପାଗ । କେବଳ ବର୍ଷା ନୁହେଁ ଘନ କୁହୁଡି ମଧ୍ୟ କରିବ କଲବଲ। ମଧ୍ୟରାତ୍ରରୁ ସକାଳ ପର୍ଯ୍ୟନ୍ତ ଦିଶିବନି ରାସ୍ତା। ସତର୍କତାର ସହ ଗାଡି ଚଳନା ନେଇ ପରାମର୍ଶ ଦିଆଯାଇଛି । (ପୃଷ୍ଠା ୭ରେ)

## ଏକାଳ ସକାଳ



ମା'ସରସ୍ୱତୀ ସଭିଙ୍କ ମୁଣ୍ଡରେ
ଦିଅନ୍ତି ବିଦ୍ୟା ଓ ବୁଦ୍ଧି
ଶୁଭେଚ୍ଛା ସହ ଗୁଡ ନ୍ୟୁଜ୍ ହେଲା
ମମତା ପଇସା ବୃଦ୍ଧି
ଖାଇଖାଇ ସେଓ ବୁନ୍ଦି
ଶୁଣ, ବିଜୁଳି ଦର ବି କମିଲା
ଖୁସିରେ ହେଲେ କି ଋଦ୍ଧି ?

# ବିଧାନସଭାକୁ କମ୍ ବ୍ୟାକ୍ ନେଇ ଟେନସନରେ ବିଧାୟକ

■ ବିବେକାନନ୍ଦ ଜେନା

ଫେବୃଆରୀ ୫ ତାରିଖରେ ମହାମହିମ ରାଜ୍ୟପାଳ ରଘୁବର ଦାସଙ୍କ ଅଭିଭାଷଣରୁ ଆରମ୍ଭ ହୋଇଥିବା ଷୋଡ଼ଶ ଓଡ଼ିଶା ବିଧାନସଭାର ପଞ୍ଚଦଶ ଅଧିବେଶନ ମାତ୍ର ପାଞ୍ଚଟି କାର୍ଯ୍ୟଦିବସର କାର୍ଯ୍ୟ ସମ୍ପାଦନ ପରେ ଶେଷ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବର ଏହା ଥିଲା ଶେଷ ଅଧିବେଶନ। ମାତ୍ର ୫ ଦିନ ପାଇଁ ଚାଲିଥିବା ଅଧିବେଶନ କିନ୍ତୁ ସବୁ ଦିଗରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସଫଳ ହୋଇଥିବା କହିଲେ ଅତ୍ୟୁକ୍ତି ହେବନାହିଁ। ମୁଖ୍ୟତଃ ରାଜ୍ୟପାଳଙ୍କ ଅଭିଭାଷଣ, ଧନ୍ୟବାଦ ପ୍ରସ୍ତାବ ଆଲୋଚନା, ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି, ବିରୋଧୀ ଦଳର ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା, ପ୍ରଶ୍ନୋତ୍ତର, ସବ୍‌ମିଶନ ଏବଂ ଶୂନ୍ୟକାଳରେ ରାଜ୍ୟ ସ୍ୱାର୍ଥ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ଏହି ସଂକ୍ଷିପ୍ତ ଅଧିବେଶନରେ ବିସ୍ତୃତ ଆଲୋଚନା ହୋଇଥିଲା। ତେବେ ଏହି ଅଧିବେଶନ ଆଗାମୀ ନିର୍ବାଚନ ପୂର୍ବରୁ ଶେଷ ଅଧିବେଶନ ହୋଇଥିବାରୁ ବିଧାୟକମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ପଡ଼ିଥିଲେ। କାରଣ ଅଧିବେଶନର ପରିସମାପ୍ତି (ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା) ସହ ୨୦୧୯ ନିର୍ବାଚନ ପରେ ଗଠିତ ଷୋଡ଼ଶ ବିଧାନସଭା ପାଇଁ ନିର୍ବାଚିତ ହୋଇ ଆସିଥିବା ପ୍ରତିନିଧି (ବିଧାୟକ)ମାନଙ୍କର କାର୍ଯ୍ୟକାଳ ବସ୍ତୁତଃ ଶେଷ ହୋଇଯାଇଥିଲା। ତେବେ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହେବା ପର୍ଯ୍ୟନ୍ତ ସେମାନେ ଅବଶ୍ୟ ବିଧାୟକ ଭାବେ ଦାୟିତ୍ୱ ତୁଲାଇ ପାରିବେ। ବିଧାନସଭା ଅଧବେଶନ ଶେଷ ହେବା କ୍ଷଣି ଦଳମତ ନିର୍ବିଶେଷରେ ବିଧାୟକମାନଙ୍କ ମଧ୍ୟରେ ଅଜଣା ଆଶଙ୍କା ଓ ଭୟ ସଞ୍ଚରିତ ହୋଇଥିବା ପରି ପ୍ରତୀୟମାନ ହେଲା। କେବଳ ସେତିକି ନୁହେଁ ଅନେକ ଏହି କାରଣରୁ ଛାନିଆ ହେଲା ପରି ଜଣାପଡ଼ିଲା। ଆଗକୁ କ'ଣ ହେବ, ସେ ନେଇ ଅଧିକାଂଶଙ୍କର ଚିନ୍ତା ଓ ଟେନସନ ବଢିଲା ପରି ଜଣାପଡୁଥିଲା। ବିଧାନସଭାକୁ ଆସୁଥିବା, ଗୃହରେ ବସୁଥିବା ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନାରେ ଭାଗ ନେଉଥିବା ବିଧାୟକମାନେ ଏବେ ସେମାନଙ୍କ ଏହି ଗୁରୁଦାୟିତ୍ୱରୁ ବିରତ ରହିବା ବା ଦୂରେଇଯିବା ସେମାନଙ୍କୁ ବ୍ୟଥିତ କରିଥିଲା। ଯେଉଁଥିପାଇଁ ଗୃହରେ ଓ ଗୃହ ବାହାରେ ଅଧିକାଂଶ ବିଧାୟକ ମାନଙ୍କର ହୃଦ୍‌ସ୍ପନ୍ଦନ ବଢିଥିଲା। ଦୁଃଖ-କୋହରେ ସେମାନେ ବିଚଳିତ, ବ୍ୟସ୍ତ ଓ ବିବ୍ରତ ଥିବା ପରି ଜଣାପଡୁଥିଲେ। କାରଣ ଆଗକୁ ସାଧାରଣ ନିର୍ବାଚନ। (ପୃଷ୍ଠା ୭ରେ)

# ଘରୋଇ ଉପଭୋକ୍ତାଙ୍କ ପାଇଁ ଖୁସି ଖବର: କମିଲା ବିଦ୍ୟୁତ ଦର

**ଭୁବନେଶ୍ୱର, ୧୩।୨**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ପ୍ରଥମଥର ପାଇଁ ଘରୋଇ ଉପଭୋକ୍ତାଙ୍କ ନିମନ୍ତେ ବିଦ୍ୟୁତ୍ ଦର କମାଇଛନ୍ତି। ବିଗତ ୩ବର୍ଷ ହେଲା ରାଜ୍ୟରେ ବିଦ୍ୟୁତ୍ ଦର ବଢିନଥିଲା। ଏଥର ୨୦୨୪-୨୫ ପାଇଁ ମଧ୍ୟ ଆୟୋଗ ବିଦ୍ୟୁତ୍ ଦର ବୃଦ୍ଧି କରିନାହାନ୍ତି। ଗତ ମାସ ୩୦ ତାରିଖରୁ ଚଳିତ ମାସ ୬ ତାରିଖ ପର୍ଯ୍ୟନ୍ତ ଓଇଆରସିରେ ବିଦ୍ୟୁତ୍ ଦର ନେଇ ବିଭିନ୍ନ ପକ୍ଷର ଶୁଣାଣି ହୋଇଥିଲା। ମଙ୍ଗଳବାର ଆୟୋଗ ତାଙ୍କ ରାୟ ପ୍ରକାଶ କରିଛନ୍ତି। ଏହି ରାୟ ଅନୁସାରେ ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ବିଦ୍ୟୁତ୍ ଦର ହ୍ରାସ କରାଯାଇଥିବା ବେଳେ ଅନ୍ୟବର୍ଗର ଉପଭୋକ୍ତାଙ୍କ କ୍ଷେତ୍ରରେ ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିଛି।



ଗ୍ରୀଷ୍ମଋତୁର ଆଗମନ ପୂର୍ବରୁ ଘରୋଇ ଉପଭୋକ୍ତାଙ୍କ ପାଇଁ (ପୃଷ୍ଠା ୭ରେ)

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୪ଫେବୃୟାରୀ ୨୦୨୪ ବୁଧବାର





## ମୁଖ୍ୟମନ୍ତ୍ରୀ ଶିକ୍ଷାପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା



**ରସୁଲପୁର, ନ୍ୟୁଜ ବ୍ୟୁରୋ**

ରସୁଲପୁର ଓ ଯାଜପୁର ବ୍ଲକ ସୀମାନ୍ତବର୍ତ୍ତି ଅଞ୍ଚଳରେ ଅବସ୍ଥିତ ୫-ଟି ମଲପଡା ସରକାରୀ ଉଚ୍ଚ ବିଦ୍ୟାଳୟର ସହାକାରୀ ଶିକ୍ଷୟତ୍ରୀ ଜୟଶ୍ରୀ ସାହୁ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ହାତେଇଛନ୍ତି । ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଏହି କ୍ରମରେ ବିଦ୍ୟାଳୟ ପକ୍ଷରୁ ଇଂରାଜୀ ଭାଷାସାହିତ୍ୟ ଉପରେ ଶିକ୍ଷାଦାନ କରୁଥିବା ସଫଳ ଶିକ୍ଷୟତ୍ରୀ ଶ୍ରୀମତୀ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଜିଲାରୁ ଶତାଧିକ ଶିକ୍ଷକ ଆବେଦନ କରିଥିଲେ । ଆବେଦନକାରୀମାନଙ୍କୁ ଶିକ୍ଷାଦାନ ବ୍ୟତୀୟ ଅନ୍ୟ ୨୦ଟି ବିଷୟ ସଂପର୍କରେ ରହିଥିବା ଉଲ୍ଲେଖନୀୟ ଅବଦାନକୁ ନେଇ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଶ୍ରୀମତୀ ସାହୁ ଚିରାଚରିତ ଢଙ୍ଗରେ ବିଦ୍ୟାର୍ଥୀମାନଙ୍କୁ ଶ୍ରେଣୀ ଗୃହରେ ପାଠପଢାଇବା ସହ କରୋନା ସମୟରେ ଅନଲାଇନ ଶିକ୍ଷାଦାନ, ଚିତ୍ର ମାଧ୍ୟମରେ ପାଠପଢାକୁ ଗୁରୁତ୍ୱ, ବିଷୟ ଭିତ୍ତିକ ପ୍ରଶିକ୍ଷଣ କିଟ୍ ଜରିଆରେ ପଢାଇବା ପ୍ରଣାଳୀ, ଇ-କଂଟେଟ କ୍ଲାସ୍, ୟୁଟ୍ୟୁବ୍ କ୍ଲାସ୍, ଟିଚିଙ୍ଗ ଲର୍ଣ୍ଣିଙ୍ଗ୍ ମେଥଡରେ ପାଠପଢା, ରିଡ୍ ଟୁ ମି କ୍ଲାସ୍, ଲାଇବ୍ରେରୀ କ୍ଲାସ୍, ଡେମୋ କ୍ଲାସେସ୍, ନେଚର ଲର୍ଣ୍ଣିଂ, ଅଭିଭାବକମାନଙ୍କୁ ପ୍ରଶିକ୍ଷଣ ଆଦି ବିଷୟ ଉପରେ ଗୁରୁତ୍ୱ ଦେଇ ପାଠ ପଢାଇବା ଉପରେ ଗୁରୁତ୍ୱ ଦେଉଥିବାରୁ ତାଙ୍କୁ ଏଭଳି ପୁରସ୍କାର ପାଇଁ ଚୟନ କରାଯାଇଛି ବୋଲି ପ୍ରକାଶ କରିଛନ୍ତି । ଯାଜପୁର ଜିଲାର ୪୯ଜଣ ଶିକ୍ଷୟତ୍ରି/ଶିକ୍ଷକ ଏହି ପୁରସ୍କର ହାତେଇଛନ୍ତି । ସେମାନଙ୍କ ମଧ୍ୟରେ ତାଙ୍କୁ ସ୍ଥାନ ଦିଆଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସରକାରଙ୍କ ଏହି ପ୍ରୟାସ ଶିକ୍ଷକସମାଜକୁ ପ୍ରଭାବିତ କରିବ ବୋଲି କୁହାଯାଉଛି । ଏହି ଖବର ବିଦ୍ୟାଳୟ ପାଇଁ ଖୁସି ଆଣି ଦେବା ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର କର, ସହାକାରୀ ଶିକ୍ଷୟତ୍ରୀ/ଶିକ୍ଷକ ମାଣିକ ପ୍ରିୟଦର୍ଶନୀ, ରଚନା ସାହୁ, ପୁଷ୍ପଲତା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି, ରଂଜିତା ସେନାପତି, ରେଣୁବାଳା ପ୍ରଧାନ, ଅମିୟ ତ୍ରିପାଠୀ, ଅଂଶୁମାନ ନାଥ, ବଦ୍ରିନାରାୟଣ ଦଳାଇ, ହରିହର ମହାରଣା, ମହେନ୍ଦ୍ର ସାହୁ, ଜିତେନ୍ଦ୍ର ଦଳାଇ, ନିଳମଣୀ ଆଚାର୍ଯ୍ୟ, ବିଷ୍ଣୁ ଚରଣ ରାଉତ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳତା ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛି ବୋଲି ପ୍ରକାଶ କରିଛନ୍ତି । କୃତି ଶିକ୍ଷୟତ୍ରୀ ତାଙ୍କର ସଫଳତା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକର୍ମୀମାନଙ୍କ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ମତ ରଖିଛନ୍ତି ।

### ରାଜ୍ୟରେ ବର୍ଦ୍ଧିତ କୁକୁଡ଼ା ମାଂସ ଓ ଅଣ୍ଡାର ଚାହିଦା ମେଣ୍ଟାଇବା ପାଇଁ

## କୁକ୍କୁଟ ସମବାୟ ସମିତିକୁ ଅଧିକ କ୍ରିୟାଶୀଳ କରାଯିବ : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବର୍ଦ୍ଧିତ କୁକୁଡ଼ା ମାଂସ ଓ ଅଣ୍ଡାର ଚାହିଦା ମେଂଟାଇବା ଦିଗରେ ଓପୋଲଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନର୍ବାହ କରିପାରିବ। ଓପୋଲୋଫେଡ୍ ମାଧ୍ୟମରେ ଲୋକଙ୍କୁ ଅଧିକରୁ ଅଧିକ କୁକୁଡ଼ା ମାଂସ ଓ ଅଣ୍ଡା ଯୋଗାଇଦେବା ନିମନ୍ତେ ଓଡ଼ିଶା ରାଜ୍ୟ କୁକ୍କୁଟ ଉତ୍ପାଦନ ସମବାୟ ବିପଣନ ମହାସଂଘ ଲିଃ ଅଧିନରେ ଥିବା ସମସ୍ତ କୁକ୍କୁଟ ସମବାୟ ସମିତିକୁ କ୍ରିୟାଶୀଳ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।




ଗୁରୁବାର କୃଷି ଭବନଠାରେ ଓପୋଲଫେଡ୍ ର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଓପୋଲଫେଡ୍ ଦ୍ୱାରା କୁକୁଡ଼ା ମାଂସ ବିକ୍ରିକୁ ଅଧିକ ଗୁରୁତ୍ୱ ଦେଇ ବର୍ତମାନର ଓପୋଲଫେଡ୍ ବୁଥ୍ ରେ ପ୍ରତିଦିନର ବିକ୍ରିକୁ ବୃଦ୍ଧି କରିବା ସହିତ ସହର ଉପକଣ୍ଠ ଆଦିରେ ନୂତନ ବୁଥ୍ ଖୋଲିବା ଆବଶ୍ୟକ । ରାଜ୍ୟ ଯୋଜନାରେ ସ୍ଥାପିତ ହେଉଥିବା ବ୍ରଏଲର କୁକୁଡ଼ା ୟୁନିଟ୍ ଗୁଡ଼ିକୁ କୁକ୍କୁଟ ଉତ୍ପାଦନ ସମବାୟ ସମିତି ସହିତ ସଂଯୋଗ କରିବା କିମ୍ବା ଏହି କୁକୁଡ଼ା ଚାଷୀଙ୍କୁ ନେଇ ନୂତନ ସମବାୟ ସମିତି ଗଠନ କରାଗଲେ ଉଭୟ ଓପୋଲଫେଡ୍ ଏବଂ କୁକୁଡ଼ା ଚାଷୀ ଉପକୃତ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏଥି ପାଇଁ ଓପୋଲଫେଡ୍ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶାଳୟ ସହଯୋଗରେ ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଓପୋଲଫେଡ୍ ପକ୍ଷରୁ ଲୋକଙ୍କୁ କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା ଯୋଗାଣ କରାଯିବା ସହିତ କୁକୁଡ଼ା ଚାଷୀଙ୍କୁ କୁକୁଡ଼ା ଚିଆଁ ଓ କୁକୁଡ଼ା ଦାନା ମଧ୍ୟ ଯୋଗାଇ ଦିଆଯାଉଥିବା ପରିପ୍ରେକ୍ଷୀରେ କୁକୁଡ଼ା ଚାଷୀ ଓପୋଲଫେଡ୍ ସହିତ ସଂପୃକ୍ତ ହେବାର ସୁଯୋଗ ରହିଛି ବୋଲି ସେ କହିଥିଲେ । ଅଧିକରୁ ଅଧିକ କୁକୁଡ଼ା ଚାଷୀ ଯେପରି ଓପୋଲଫେଡ୍ ସହିତ ସଂଯୁକ୍ତ ହେବେ ସେଥି ନିମନ୍ତେ ଓପୋଲଫେଡ୍ କର୍ତ୍ତୃପକ୍ଷ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ବୈଠକରେ ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓପୋଲଫେଡ୍ ର ସଭାପତି ଭୋଳେଶ୍ୱର ସ୍ୱାଇଁଙ୍କ ସମେତ ଓପୋଲଫେଡ୍ ର ପରିଚାଳନା ନିର୍ଦ୍ଦେଶକ ଓ ଜିଏମ୍ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବାରବାଟୀ-କଟକ ବିଧାନସଭା ନିର୍ବାଚନ ଅନିୟମିତତା ମାମଲା

## ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ



**କଟକ, ନ୍ୟୁଜ ବ୍ୟୁରୋ**

ବାରବାଟୀ-କଟକ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ । ବିଧାୟକ ମହମ୍ମଦ ମୋକିମ୍ଙ୍କ ନିର୍ବାଚନର ବୈଧତାକୁ ଚ୍ୟାଲେଞ୍ଜ କରି ମାମଲା ଦାୟର ହୋଇଛି । ମାମଲାର ଆବେଦନକାରୀ ତଥା ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ବୁଧବାର ଯୁକ୍ତି ଉପସ୍ଥାପନ ଶେଷ ହେବା ପରେ ମାମଲାର ଶୁଣାଣି ପ୍ରକ୍ରିୟା ଶେଷ ହୋଇଛି ।

ସୂଚନାଯୋଗ୍ୟ ଯେ, ଗତ ୨୦୧୯ ମସିହା ସାଧାରଣ ନିର୍ବାଚନରେ ବାରବାଟୀ-କଟକ ଆସନରୁ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମ୍ ବିଜୟ ଲାଭ କରିଥିଲେ । କିନ୍ତୁ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ସେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବାର ଅଭିଯୋଗ ହୋଇଥିଲା । ଜନ ପ୍ରତିନିଧି ଆଇନର ଫର୍ମ (୨) ମୁତାବକ ସେ ଆବଶ୍ୟକୀୟ ତଥ୍ୟ ଦାଖଲ କରିନଥିଲେ ବୋଲି ଅଭିଯୋଗ କରି, ପରାଜିତ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ୨୦୧୯ ମସିହାରେ ମାମଲା ଦାୟର ହୋଇଥିଲା । ବୁଧବାର ସୁଦ୍ଧା ପ୍ରାୟ ୧୩୬ଟି କାର୍ଯ୍ୟ ଦିବସରେ ଏହି ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ । ତେବେ ଶୁଣାଣି ପ୍ରକ୍ରିୟା ଚାଲିଥିବା ବେଳେ ବିଧାୟକ ମୋକିମ୍ଙ୍କୁ ଦୁଇ ଥର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି ହାଇକୋର୍ଟ । ଉଭୟ ପକ୍ଷରୁ ମୋଟ୍ ୮ ଜଣ ହାଇକୋର୍ଟରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ଜଷ୍ଟିସ ସଙ୍ଗମ ସାହୁଙ୍କ କୋର୍ଟରେ ଏହି ମାମଲାର ଶୁଣାଣି ହେଉଥିଲା । ଯାହା ବୁଧବାର ଶେଷ ହୋଇଛି ।

## ଏକାଦଶାହରେ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ସହପାଠୀ

**ନିଶ୍ଚିନ୍ତକୋଇଲି, ନ୍ୟୁଜ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଦୋଳଗୋବିନ୍ଦ ନାୟକଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ତାଙ୍କର ପୈତୃକ ବାସଭବନ ଓ ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ପୃଥକ ପୃଥକ ଭାବେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ସ୍ୱର୍ଗତ ନାୟକ ଖଣ୍ଡସାହି ଜଗନ୍ନାଥ ବିଦ୍ୟାପୀଠରେ ଗତ ୧୯୭୮ ମହିହା ମାଟ୍ରିକ ବ୍ୟାଚରେ ଅଧ୍ୟୟନ କରୁଥିଲେ। ତାଙ୍କର ଏକାଦଶାହ ଅବସରରେ ୧୯୭୮ ମସିହା ମାଟ୍ରିକ ବ୍ୟାଚର ପୁରତନ ସହପାଠୀ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରାକ୍ତନ ନିର୍ଦ୍ଦେଶିକା ଶ୍ରୀମତୀ ଯଶୋଦା ମିଶ୍ର,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ଦୀପାଞ୍ଜଳି ମିଶ୍ର,ସମବାୟବିତ ରମେଶଚନ୍ଦ୍ର ମହାନ୍ତି,ଏଲଆଇସିର ବରିଷ୍ଠ ପ୍ରବନ୍ଧକ ରବିନାରାୟଣ ବେହେରା,ହାଲଯନ୍ତ୍ରୀ ଇଂ ପ୍ରଶାନ୍ତ ମିଶ୍ର,ରାମେଶ୍ୱର ଦ୍ୱିବେଦୀ,ଭାଗ୍ୟଧର ସାହୁ.ନାରାୟଣ ଦାସ, ସୁରେନ୍ଦ୍ର ବାରିକ, ଅନୱର ଅଲ୍ଲୀ ଅହମ୍ମଦ, ସୁଧାଂଶୁ ଶେଖର ଦାସ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ସେହିପରି ଭାବେ ଅସୁରେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷକ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବଳରାମ ପରିଡା, ସତ୍ୟନାରାୟଣ ମିଶ୍ର, ଅନ୍ନପୂର୍ଣ୍ଣା ଜେଠୀ ପ୍ରମୁଖ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ପ୍ରତି ଶୋକାଞ୍ଜଳୀ ଅର୍ପଣ କରିଥିଲେ।

## ୩୦ କିଗ୍ରାର ଦୁଇଟି ହାତୀଦାନ୍ତ ଜବତ : ୧୦ ଗିରଫ



### ମୁଲଚାଲ ବେଳେ ମାଡିବସିଲା ବନ ବିଭାଗ

**ବାରିପଦା, ନ୍ୟୁଜ ବ୍ୟୁରୋ**

ହାତୀଦାନ୍ତ କାରବାର ନିମନ୍ତେ ଡିଲ ବେଳକୁ ବନ ବିଭାଗ ଟିମ ମାଡି ବସିଲା। ବନ ବିଭାଗ ପକ୍ଷରୁ ଚଢ଼ାଉ କରି ଦୁଇ ହାତୀଦାନ୍ତ ଜବତ ସହ ୧୦ଜଣ ଗିରଫ ହୋଇଛନ୍ତି। ହାତୀ ଦାନ୍ତ କାରବାର ନେଇ ବନ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏନେଇ ଏସଟିପିଏଫ, ଜେଟିଏଫ, ବନ କର୍ମଚାରୀ ମାନେ ମିଳିତ ଭାବେ ଯଶିପୁର ଅଞ୍ଚଳରେ ଚଢ଼ାଉ କରିଥିଲେ। ହାତୀ ଦାନ୍ତ ନେଇ ଆସୁଥିବା ଥିବା ବେଳେ ସୂଚନା ପାଇ ବନବିଭାଗ ଛକି ବସିଥିଲା। ହାତୀ ଦାନ୍ତ ଜବତ କରିବା ସହ ସଂମ୍ପୃକ୍ତଙ୍କୁ ବନବିଭାଗ କାବୁ କରିଥିଲା। ତାଙ୍କ ନିକଟରୁ ୩୦କିଲୋ ୯ଗ୍ରାମର ଦୁଇଟି ବଡ଼ ହାତୀ ଦାନ୍ତ ଜବତ ହୋଇଛି। ହାତୀ ଦାନ୍ତ ଚୋରା ଚାଲାଣର ଚେର କେତେ ପର୍ଯ୍ୟନ୍ତ ଲମ୍ବିଛି ଅଧିକ ତଦନ୍ତ ଜାରି ରହିଛି। ଏନେଇ ପିସିସିଏଫ ସୁଶାନ୍ତ କୁମାର ନନ୍ଦ ଏକ୍ସ ଯୋଗେ ସେୟାର କରି ସୂଚନା ଦେଇଥିବା ବେଳେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

## ଏସସିବିରେ ୫ ଦଲାଲ ଗିରଫ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଏସସିବି ମେଡିକାଲରୁ ୫ ଦଲାଲ ଗିରଫ। କଟକ ମଙ୍ଗଳାବାଗ ଥାନା ପୋଲିସ ଏହି ୫ ଦଲାଲଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏସସିବିରୁ ଘରୋଇ ମେଡିକାଲକୁ ରୋଗୀ ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ଡ୍ରାଇଭର ଓ ଠିକା ମେଡିକାଲ୍ କର୍ମଚାରୀ ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଏସସିବି ମେଡିକାଲକୁ ବିଭିନ୍ନ ଅଞ୍ଚଳରୁ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। କିନ୍ତୁ ଏଠାରେ ଦଲାଲଙ୍କ ହାବୁଡ଼ରେ ପଡି ହଇରାଣ ହୋଇଥାନ୍ତି। ଏପରିକି ଗରିବ ଲୋକମାନେ ଦଲାଲଙ୍କ ଦ୍ୱାରା ଅଯଥା ଖର୍ଚ୍ଚାନ୍ତ ହୋଇଥାନ୍ତି। ଏଥିପାଇ ଏସସିବି ପରିସରକୁ ଦଲାଲମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା। ଏହି କ୍ରମରେ ୫ ଦଲାଲ ଗିରଫ ହୋଇଛନ୍ତି।

## ରାଜ୍ୟ ସରକାରଙ୍କ କାର୍ଯ୍ୟ ଓ ଯୋଜନା ସଂପର୍କରେ ସଚେତନତା

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ଯୋଜନା ସକ୍ରାନ୍ତରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏକ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ନଖରା ପଞ୍ଚାୟତ ପକ୍ଷରୁ ଆମ ଓଡିଶା-ନବୀନ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଅଙ୍ଗତରାଡିହ କନକେଶ୍ୱର ମନ୍ଦିର ପଡିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ ଉପାଧକ୍ଷା ସୁପ୍ରିୟା ଜେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ,ଜିଲ୍ଲା ପରିଷଦ



ସଭ୍ୟ ଚିତ୍ତରଞ୍ଜନ ସାମଲ,ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କର୍ମୀ ମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭୀମୁଖୀ ଯେଜନା ସଂପର୍କରେ ଅବଗତ କରାଇବା ସହିତ ଅନ୍ୟମାନଙ୍କୁ ଏବିଷୟରେ ଜଣାଇବା ପାଇଁ ଅନୁରୋଧ କରିଥିଲେ । ଶିକ୍ଷାବିତ୍ ଧୀରେନ୍ଦ୍ର ନାଥ ଜେଠୀ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିଳାସ ସାହୁ, ପୁର୍ଣ୍ଣ ଚନ୍ଦ୍ର ନାୟକ, ମହେଶ୍ୱର ସିଂ, ଧନେଶ୍ୱର ଜେଠୀ, ଦୀଲ୍ଲିପ କୁମାର ଆଚାର୍ଯ୍ୟ, ସନ୍ତୋଷ ନାୟକ, ଆଲୋକ ରାଉତ,ପ୍ରମିଳା ଓଝା, ମଧୁସ୍ମିତା ମହାପାତ୍ର, ରଶ୍ମିତା ସାହୁଙ୍କ ସମେତ ବ୍ୟାଙ୍କ ମିତ୍ର, ସିଆରପି, ପଂଞ୍ଚାୟତର ସମସ୍ତ ୱାର୍ଡ ମେମ୍ବରଙ୍କ ସମେତ ବହୁ ଦଳୀୟକର୍ମୀ ଉପସ୍ଥିତ ଥିଲେ ।

## ବିଭିନ୍ନ ଦାବି ନେଇ ଏସୟୁସିଆଇ(ସି) ପକ୍ଷରୁ ବାରଙ୍ଗରେ ଦସ୍ତଖତ ସଂଗ୍ରହ ଅଭିଯାନ




**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ଜନ ଜୀବନର ଜ୍ୱଳନ୍ତ ସମସ୍ୟା ସମାଧାନ ଦାବିରେ ଏସୟୁସିଆଇ(ସି) ପକ୍ଷରୁ ବୁଧବାର ବାରଙ୍ଗରେ ଦସ୍ତଖତ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଦରଦାମ ବୃଦ୍ଧି ବନ୍ଦ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ସାମଗ୍ରିକ ରାଷ୍ଟ୍ରାୟତ୍ତ ବାଣିଜ୍ୟ ବ୍ୟବସ୍ଥା ପ୍ରଚଳନ କରିବା, ଜନବିରୋଧୀ ଜାତୀୟ ଶିକ୍ଷା ନୀତି-୨୦୨୦ ତୁରନ୍ତ ପ୍ରତ୍ୟାହାର କରିବା, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଓ ସାଂପ୍ରଦାୟୀକରଣ ବନ୍ଦ କରିବା, ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ପ୍ରଭୃତି ବିଭିନ୍ନ ଦାବି ନେଇ ଏସ୍. ୟୁ. ସି. ଆଇ (କମ୍ୟୁନିଷ୍ଟ) ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ରରେ ଦେଶବ୍ୟାପୀ ଚାଲିଥିବା ଦସ୍ତଖତ ସଂଗ୍ରହ ଅଭିଯାନ ଉପଲକ୍ଷେ ବୁଧବାର ବାରଙ୍ଗ କାଳି ପଡିଆ ଠାରେ ପଥପ୍ରାନ୍ତ ସଭା ଦସ୍ତଖତ ସଂଗ୍ରହ କରାଯାଇଥିଲା। ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ବାରଙ୍ଗ ଆଞ୍ଚଳିକ କମିଟି ସଂପାଦିକା ତଥା ବାଙ୍କୀ ବିଧାନସଭା ପ୍ରାର୍ଥନୀ ମାଳବିକା ସାମଲ, ସିଦ୍ଧାର୍ଥ ରଥ, ଅନ୍ତର୍ଯ୍ୟାମୀ ବେହେରା, ଭାଗ୍ୟଶ୍ରୀ ପ୍ରଧାନ, ନମିତା ବେହେରା ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

## ଅସହାୟଙ୍କ ଦରଦି ବନ୍ଧୁ ପାଲଟିଲେ ଯୁବନେତା



**ଆସିକା, ନ୍ୟୁଜ ବ୍ୟୁରୋ**

କଥାରେ ଅଛି ଅସମୟରେ ଯିଏ ପାଖରେ ଠିଆ ହୁଏ ସେ ହିଁ ପକ୍ରୃତ ବନ୍ଧୁ । ଆମେ କହୁଛୁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ୧୨ ନମ୍ବର ୱାର୍ଡର ବଲ୍ଲଭ ନାୟକଙ୍କ ପଚିଶି ବର୍ଷୀୟ ପୁତ୍ର ରାଜନ ନାୟକଙ୍କ ଜୀବନ ଅକାଳରେ ଚାଲି ଗଲା ପରେ ବଲ୍ଲଭ ନିଜ ପୁତ୍ରକୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଏତିକି ବେଳେ ଖବର ପାଇ ଆସିକା ଅଞ୍ଚଳର ଯୁବ ନେତା ସନ୍ତୋଷ କୁମାର ବିଷୋୟୀ ଅସହାୟ ପରିବାରଙ୍କ ପାଖରେ ଭେଟି ବିଭିନ୍ନ ସମସ୍ୟା ବୁଝିବା ସହ କିଛି ଆର୍ଥିକ ସହାୟତାର ହାତ ବଢ଼ାଇ ଥିଲେ । ସନ୍ତୋଷଙ୍କ ଏଭଳି କାର୍ଯ୍ୟକୁ ନେଇ ଅଞ୍ଚଳରେ ଭୁରି ଭୁରି ପ୍ରଶଂସା ମିଳୁ ଥିବା ବେଳେ ଯୁବ ପିଢ଼ିଙ୍କ ମନ ବଳ ସତରେ ଆଜି ସୁଦୃଢ଼ ହୋଇଛି ।

## ମୁକ୍ତା କାର୍ଯ୍ୟକ୍ରମ :୨୨୫୦୦ରୁ ଅଧିକ ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରର ବୈଶାଖୀ ମହାସଂଘର ଲକ୍ଷ୍ମୀପ୍ରିୟା ରାଉତ କୁହନ୍ତି, "ଆମର ମହାସଂଘ କାର୍ଯ୍ୟ ସମ୍ପାଦନ ଏଜେନ୍ସି ଭାବରେ ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ୍ (ବିଏମସି) ଠାରୁ ୱାର୍କ ଅର୍ଡର ଗ୍ରହଣ କରି ମୁକ୍ତା ଯୋଜନା ଅଧୀନରେ ପାର୍କ ନିର୍ମାଣ କରିଛି । ବର୍ତ୍ତମାନ ଆମେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛୁ । "ଆମେ ସମସ୍ତେ ଜାଣୁ ଯେପରି ଆମେ ଏହି ଅଞ୍ଚଳକୁ ସଫା କରିଥିଲୁ, ଯାହା ଚାରିଆଡ଼େ ବୁଦା ସହିତ ଏକ ଅପହଞ୍ଚ, ପରିତ୍ୟକ୍ତ ସ୍ଥାନ ଥିଲା । ବିଏମସି ଇଞ୍ଜିନିୟରଙ୍କ ସହଯୋଗରେ ଆମେ ପାର୍କର ଲେଆଉଟ୍ ଡିଜାଇନ୍, ନିର୍ମାଣ ନିମନ୍ତେ କଣ କଣ ସାମଗ୍ରୀ ଆବଶ୍ୟକ, କେତେ ପରିମାଣର ନିର୍ମାଣ ସାମଗ୍ରୀ ଆବଶ୍ୟକ ଏବଂ ଗୁଣବତ୍ତା ଚିହ୍ନଟ ଏବଂ କେତେ ଶ୍ରମିକ ନିୟୋଜିତ ହେବେ ସେ ବିଷୟରେ ଜାଣିବାକୁ ପାଇଲୁ । ପ୍ରାରମ୍ଭରେ, ଏହା ବୁଝିବା କଷ୍ଟକର ଥିଲା, କିନ୍ତୁ ଆମେ ଆରମ୍ଭ କଲୁ ଏବଂ ଧୀରେ ଧୀରେ ଆମେ ସମଗ୍ର ନିର୍ମାଣ କାର୍ଯ୍ୟ ଏବଂ ତଦାରଖ କାର୍ଯ୍ୟର ଦାୟିତ୍ୱ ନେଇ ଏହାକୁ ସୁଚାରୁ ରୂପେ ସମ୍ପାଦନ କରିପାରିଲୁ । ସେ ଆହୁରି ମଧ୍ୟ କୁହନ୍ତି, ଯେତେବେଳେ ଆମେ ଏହି ପାର୍କର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କଲୁ ଏବଂ ଲୋକମାନେ ଯଥା ଶିଶୁରୁ ବୃଦ୍ଧମାନେ ଏହାକୁ ପ୍ରତିଦିନ ବ୍ୟବହାର କରିବାର ଦେଖୁଛୁ । ଏହା ଆମକୁ ଅତ୍ୟନ୍ତ ଆନନ୍ଦ ପ୍ରଦାନ କରୁଛି ।

ପ୍ରକାଶ ଥାଉକି କୋଭିଡ-୧୯ ମହାମାରୀ ସମୟରେ ଓଡ଼ିଶାର ସହରାଞ୍ଚଳରେ ବସବାସ କରୁଥିବା ସହସ୍ରାଧିକ ଗରିବ, ଅଣକୁଶଳୀ ଶ୍ରମିକ,ଅସୁରକ୍ଷିତ ବର୍ଗର ଲୋକମାନେ ତଥା ପ୍ରବାସୀ ଶ୍ରମିକ, ମହିଳା, କିନ୍ନର, ଭିନ୍ନକ୍ଷମ ବ୍ୟକ୍ତି ନିଜର ଜୀବିକା ହରାଇ ଗଭୀର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଏହି ପ୍ରତିକୂଳ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ଏପ୍ରିଲ, ୨୦୨୦ରେ 'ସହରାଞ୍ଚଳ ମଜୁରୀ ଭିତ୍ତିକ ନିୟୋଜନ 'ନାମରେ ଏକ ଯୁଗାନ୍ତକାରୀ ପଦକ୍ଷେପର ଶୁଭାରମ୍ଭ କରିଥିଲେ ଯାହାର ଲକ୍ଷ୍ୟ ଥିଲା ସହରୀ ଗରିବ, ଅଣକୁଶଳୀ ଓ ପ୍ରବାସୀ ଶ୍ରମିକଙ୍କ ପାଇଁ ତ୍ୱରିତ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ।

ଏହି ପଦକ୍ଷେପର ସଫଳତାକୁ ଭିତ୍ତିକରି ଏବଂ ତୃଣମୂଳ ସ୍ତରରୁ ଉତ୍ସାର ସହ ବିପୁଳ ସଫଳତା ହାସଲ କରି ଏହା ଫେବୃୟାରୀ ୨୦୨୧ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ମୁଖ୍ୟ ମନ୍ତ୍ରୀ କର୍ମ ତତ୍ପର ଅଭିଯାନ' (ମୁକ୍ତା) ନାମରେ ଏକ ପୂର୍ଣ୍ଣାଙ୍ଗ ଯୋଜନାରେ ପରିଣତ ହୋଇଛି ।ଏହା ଓଡିଶା ସରକାରଙ୍କ ଏକ ଫ୍ଲାଗସିପ ବା ଉତ୍କର୍ଷ କାର୍ଯ୍ୟକ୍ରମ । ଏହି ଲୋକକେନ୍ଦ୍ରୀକ ଯୋଜନା ଗୋଷ୍ଠୀର,ଗୋଷ୍ଠୀ ନିମନ୍ତେ ଏବଂ ଗୋଷ୍ଠୀ ଦ୍ୱାରା ପରିଚାଳିତ ।

ବୈଶାଖୀ ମହାସଂଘ ପରି ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ଅଧୀନରେ ୨୨୫୦୦ ରୁ ଅଧିକ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ୱାର୍କ ଅର୍ଡର ପ୍ରଦାନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ଅନ୍ତର୍ଗତ ୫୨୫୦୦ ଗୋଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ୭୬ ଲକ୍ଷ ବ୍ୟକ୍ତି-ଶ୍ରମ ଦିବସ ସୃଷ୍ଟି ହୋଇପାରିଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ମୁକ୍ତା ଯୋଜନାର ସଫଳ କାର୍ଯ୍ୟକାରିତା ତଥା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଉପରେ ଉତ୍ତମ ଜ୍ଞାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାନୁଆରୀ ୨୦୨୪ ରୁ ଏକ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୧୫ ଟି ପୌରସଂସ୍ଥାକୁ ୧୨ ଗୋଟି କ୍ଲଷ୍ଟରରେ ବିଭକ୍ତ କରି ଏକ ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ମାଧ୍ୟମର ପ୍ରାୟ ୮୦୦ ମାଷ୍ଟର ଟ୍ରେନର ସୃଷ୍ଟି କରାଯାଇଛି । ଅତୀତରେ ମୁକ୍ତା ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବା ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ମଧ୍ୟରୁ ମାଷ୍ଟର ଟ୍ରେନରମାନଙ୍କୁ ଚୟନ କରାଯାଇଥିଲା ।

ଗୃହ ଓ ନଗରଉନ୍ନୟନ ବିଭାଗର ନଲେଜ୍ ପାର୍ଟନର୍ ଭାବରେ ୟୁ.ଏମ୍.ସି ଦ୍ୱାରା ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଆବଶ୍ୟକତାକୁ ଆଧାର କରି ଏକ ପ୍ରଶିକ୍ଷଣ ମଡ୍ୟୁଲ୍ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ଏବଂ ବିକଶିତ କରାଯାଇ ମୁକ୍ତାର କାର୍ଯ୍ୟକାରିତା, ଡକ୍ୟୁମେଣ୍ଟେସନ୍, ଡିଜିଟାଲ୍ ସାକ୍ଷରତା ଏବଂ ଯୋଗାଯୋଗ ଦକ୍ଷତା ଉପରେ ସେମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ତାଲିମ ପ୍ରଦାନ କରାଯାଇଛି ।

ଏହି ପ୍ରଶିକ୍ଷଣ ମଡ୍ୟୁଲରେ ତାଲିମଦାତ୍ରୀମାନଙ୍କୁ ଗାଇଡ୍ କରିବା ନିମନ୍ତେ ବିସ୍ତୃତ ଟ୍ରେନର୍ସ ଗାଇଡ ବ୍ୟବସ୍ଥା ରହିଛି ଯାହା ମାଷ୍ଟର ଟ୍ରେନରମାନଙ୍କୁ ବୈଷୟିକ ବିଷୟକୁ ବୁଝିବାରେ ସାହାଯ୍ୟ କରିବା ସହ ସମଗ୍ର ରାଜ୍ୟରେ ମୁକ୍ତା ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରୁଥିବା ପ୍ରଶିକ୍ଷାର୍ଥୀ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ସଠିକ୍ ଏବଂ ସମ୍ପୂର୍ଣ୍ଣ ବାର୍ତ୍ତା ପ୍ରଦାନରେ ସହାୟକ ହେବ ।

ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ତାଲିମ ମାଷ୍ଟର ଟ୍ରେନର୍ ମାନଙ୍କ ଦ୍ୱାରା ୱାର୍ଡ ସ୍ତରରେ ଆୟୋଜନ କରାଯାଉଛି । ପ୍ରତ୍ୟେକ ବ୍ୟାଚରେ ୩୦ ଜଣ ସଦସ୍ୟା ଅଂଶଗ୍ରହଣ କରିଥାନ୍ତି । ମୋଟ ୨୦୫୫ ୱାର୍ଡ ସ୍ତରୀୟ ତାଲିମ ଶିବିର ଆସନ୍ତା ମାର୍ଚ୍ଚ ମାସ ମଧ୍ୟରେ ଆୟୋଜନ କରାଯିବାର ଲକ୍ଷ୍ୟ ରଖାଯାଇଅଛି । "ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୧୭୦୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପ୍ତ ହୋଇସାରିଛି ଏବଂ ମାଷ୍ଟର ଟ୍ରେନରଙ୍କ ଦ୍ୱାରା ୩୫୦୦୦ରୁ ଅଧିକ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀସଦସ୍ୟା ତାଲିମପ୍ରାପ୍ତ ହୋଇସାରିଛନ୍ତି । ପ୍ରକୃତ କ୍ଷେତ୍ରରେ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରୁଛି । ପ୍ରତ୍ୟେକ ଗୋଷ୍ଠୀର ଅତିକମ୍‌ରେ ତିନିଜଣ ସଦସ୍ୟାଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ତାଲିମ ପ୍ରଦାନ କରାଯାଇ ସଶକ୍ତ କରାଯିବ, ଯାହାଫଳରେ ପ୍ରାୟ ୬୭,୫୦୦ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଲିଡରଙ୍କୁ ନେଇ ଏକ ଆର୍ମି ସୃଷ୍ଟି ହେବ ଯେଉଁମାନେ ମୁକ୍ତାର କାର୍ଯ୍ୟକାରିତାକୁ "ସମୟ ଏବଂ ଗତିର" ସମନ୍ୱୟ ଅନୁପାଳନ କରି କାର୍ଯ୍ୟକ୍ରମକୁ ଦକ୍ଷତାର ସହ ପରିଚାଳନା କରିପାରିବେ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ନୋଡାଲ୍ ଅଫିସର ମୁକ୍ତା ସାରଦା ପ୍ରସାଦ ପଣ୍ଡା ରାଜ୍ୟର ଏକାଧିକ ୱାର୍ଡରେ ଚାଲୁଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଉଥିବା ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟାମାନଙ୍କ ସହ ଭରଚୁଆଲ୍ ପ୍ଲାଟଫର୍ମ ମାଧ୍ୟମରେ ଯୋଡି ହୋଇ ଆଲୋଚନା କରୁଛନ୍ତି । ବରିଷ୍ଠ ଅଧିକାରୀଙ୍କ ସହିତ ଏହିପରି ସିଧାସଳଖ କଥାବାର୍ତ୍ତା ଶେଷ ମାଇଲ୍କୁ ସଂଯୋଗ କରିବାରେ ସାହାଯ୍ୟ କରିଥାଏ, ବ୍ୟବଧାନ ହ୍ରାସ କରେ ଏବଂ ଏସ.ଏଚ.ଜି ସମୂହକୁ ସେମାନଙ୍କର ସ୍ୱର ଉତ୍ତୋଳନ କରି ନିଜର ସମସ୍ୟା ଜଣାଇବା ସହ ମତ ରଖିବାକୁ ଏକ ସୁଯୋଗ ପ୍ରଦାନ କରିଥାଏ, ଯାହା ପରବର୍ତ୍ତୀ ସମୟରେ ନୀତି ସଂସ୍କାରରେ ସହାୟକ ହୋଇଥାଏ ।

ଏହି ଯୋଜନା ନିଃସନ୍ଦେହରେ ଏକ ଆନ୍ଦୋଳନ ସୃଷ୍ଟି କରିଛି, ଯେଉଁ ଯୋଜନା ଦ୍ୱାରା ଅସୁରକ୍ଷିତ ଗୋଷ୍ଠୀଗୁଡିକ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଭାବରେ ସଶକ୍ତ ହୋଇ ସହରାଞ୍ଚଳ ଭିତ୍ତିଭୂମି ଯଥା ପେଭର୍ ବ୍ଲକ୍ ରାସ୍ତା, ପାର୍କ, ସର୍ବସାଧାରଣ ଜିମ୍, ସ୍ଥାନୀୟ କ୍ଷେତ୍ର ବିକାଶ, କମ୍ୟୁନିଟି ସେଣ୍ଟର ଇତ୍ୟାଦି ନିର୍ମାଣ କାର୍ଯ୍ୟ ସମ୍ପାଦନ କରିଅଛି ଏବଂ କୁଶଳୀ, ଅର୍ଦ୍ଧ କୁଶଳୀ ଏବଂ ଅଣ କୁଶଳୀ ଶ୍ରମିକଙ୍କ ପାଇଁ ଶ୍ରମ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ।

ମୁଖ୍ୟମନ୍ତ୍ରୀ ମୁକ୍ତା ଯୋଜନାରେ ୨୦୨୩ - ୨୪ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଅନୁମୋଦନ କରି ୧୦୬୦୦ ପ୍ରକଳ୍ପ ନିମନ୍ତେ ୮୩୩ କୋଟି ଟଙ୍କାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏହି ଗୋଷ୍ଠୀ ସହଭାଗୀ ମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ମୁକ୍ତା ପ୍ରକଳ୍ପ ଗୁଡିକର କାର୍ଯ୍ୟ ସମ୍ପାଦନରେ ଜଡିତ ମିଶନ ଶକ୍ତି ଗୋଷ୍ଠୀସମୂହ, ମ୍ୟୁନିସିପାଲିଟି ଅଧିକାରୀ ଏବଂ ମୁକ୍ତା କାର୍ଯ୍ୟକର୍ତ୍ତା ମାନଙ୍କର ଦକ୍ଷତା ବୃଦ୍ଧିରେ ସାହାଯ୍ୟ ପ୍ରଦାନ କରିବ ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# ସହରାଞ୍ଚଳରେ ଦରଦାମ୍ ଅଧିକ

ଚଳିତ ବର୍ଷ ଜାନୁଆରିରେ ଦରଦାମ୍ ସ୍ଥିତିରେ ସୁଧାର ଘଟିଛି। ଏହି ମାସରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ୭.୫୫ ପ୍ରତିଶତକୁ ହ୍ରାସ ପାଇଛି। ଗୋଟିଏ ମାସ ପୂର୍ବରୁ ୨୦୨୩ ଡିସେମ୍ବରରେ ତାହା ୮.୭୩ ପ୍ରତିଶତ ଥିଲା। କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଜଣାପଡ଼ିଛି ଯେ ରାଜ୍ୟରେ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳ ଲୋକମାନଙ୍କ ଉପରେ ଦରଦାମ୍ର ଚାପ ଅଧିକ ରହିଛି। ସେଥିପାଇଁ ଜାନୁଆରି ମାସରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ୭.୭୬ ପ୍ରତିଶତ ରହିଛି। ଗ୍ରାମାଞ୍ଚଳ ମୁଦ୍ରାସ୍ଫୀତି ତା'ଠାରୁ କମ୍ ୭.୪୭ ପ୍ରତିଶତ ରହିଛି।

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଚଳିତ ବର୍ଷ ଜାନୁଆରିରେ ମଧ୍ୟ ଓଡ଼ିଶାର ମୁଦ୍ରାସ୍ଫୀତି ହାର ସର୍ବଭାରତୀୟ ସ୍ତରରେ ସବୁଠୁ ଅଧିକ ରହିଛି। ଲଗାତାର ଭାବେ ଓଡ଼ିଶାର ମୁଦ୍ରାସ୍ଫୀତି ଜାତୀୟ ସ୍ତରଠାରୁ ଅଧିକ ରହୁଛି। ଚଳିତ ବର୍ଷ ଜାନୁଆରିରେ ଜାତୀୟ ସ୍ତରରେ ମୁଦ୍ରାସ୍ଫୀତି ହାର ୫.୧୦ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ହାର ଭାରତୀୟ ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ସହନଶୀଳ ସୀମାଠାରୁ ଅଧିକ ରହିଛି। ଓଡ଼ିଶା ବ୍ୟତୀତ ଗୁଜରାଟ (୬.୨୧%), ହରିୟାଣା (୬.୨୪%), କର୍ଣ୍ଣାଟକ (୬.୧୧%) ଏବଂ ତେଲେଙ୍ଗାନା (୬.୩୪%)ର ଖୁଚୁରା ମୁଦ୍ରାସ୍ଫୀତି ହାର ୬ ପ୍ରତିଶତଠାରୁ ଅଧିକ ରହିଛି। ଅନ୍ୟ ରାଜ୍ୟଗୁଡ଼ିକର ସ୍ଥିତି ଅପେକ୍ଷାକୃତ ଭଲ ରହିଛି। ସର୍ବଭାରତୀୟ ସ୍ତରରେ ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୩୪ ପ୍ରତିଶତ ଥିବା ବେଳେ ସହରାଞ୍ଚଳରେ ୪.୯୨ ପ୍ରତିଶତ ରହିଛି। ଗତ ଜାନୁଆରିରେ ଖାଦ୍ୟ ସାମଗ୍ରୀ ଦାମ୍ ଶସ୍ତା ହୋଇଥିବାରୁ ଦରଦାମ୍ ସ୍ଥିତିରେ ସୁଧାର ଘଟିଛି। ପନିପରିବା, ଇନ୍ଧନ ଓ ଆଲୋକ ଦାମ୍ ହ୍ରାସ ପାଇଛି।

ସାଧାରଣତଃ ଜାନୁଆରିରେ ଅଧିକ ସବୁଜ ପନିପରିବା ମିଳେ ଏବଂ ତାହାର ଦାମ୍ ଅପେକ୍ଷାକୃତ କମ୍ ରହିଥାଏ। ବୋଧହୁଏ ସେଥିପାଇଁ ଖୁଚୁରା ଦାମ୍ କମ୍ ହୋଇଛି। କିନ୍ତୁ ଓଡ଼ିଶାର ମୁଦ୍ରାସ୍ଫୀତି ହାର ସର୍ବଭାରତୀୟ ସ୍ତର ସବୁବେଳେ ଅଧିକ ରହୁଛି। ଆମକୁ ତେଲଠାରୁ ଲୁଣ ପର୍ଯ୍ୟନ୍ତ ସବୁ କିଛି ପାଇଁ ବାହାର ରାଜ୍ୟ ଉପରେ ନିର୍ଭରଶୀଳ ରହିବାକୁ ପଡୁଥିବାରୁ କିଣିବା ବେଳେ ଆମକୁ ଅଧିକ ଦାମ୍ ଗଣିବାକୁ ପଡୁଛି । ଓଡ଼ିଶାରେ ମୁଖ୍ୟତଃ ଖାଦ୍ୟସାମଗ୍ରୀ ଦାମ୍ ଅଧିକ ରହୁଥିବାରୁ ଖୁଚୁରା ମୁଦ୍ରାସ୍ଫୀତି ଉଚ୍ଚା ରହୁଛି। ରାଜ୍ୟରେ ବହୁ ଜିନିଷ ଅଧିକ ପରିମାଣରେ ଉତ୍ପାଦନ ହେଉନାହିଁ। ରାଜ୍ୟର ଅର୍ଥନୀତି ପ୍ରତି ସେବା କ୍ଷେତ୍ରର ଅବଦାନ ଅଧିକ ରହୁଥିବା ବେଳେ ମାନୁଫାକ୍ଚରିଂର କମ୍ ରହୁଛି। ରାଜ୍ୟରେ ଦରଦାମ୍ ଅଧିକ ରହିବାର ଦୁଇଟି ମୁଖ୍ୟ କାରଣ ହେଉଛି ବାହାର ରାଜ୍ୟ ଉପରେ ନିର୍ଭରଶୀଳତା ଓ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଦେଖାଦେଇଥିବା ଅସ୍ଥିରତା। ଭୂରାଜନୈତିକ ଉତ୍ତେଜନା ଲାଗି ଆମଦାନି ହୋଇ ଆସୁଥିବା ଜିନିଷର ଦାମ୍ ଅଧିକ ରହୁଛି ।

# କୁମ୍ଭୀର କାନ୍ଦଣା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

କୁମ୍ଭୀର କାନ୍ଦଣା ଶବ୍ଦଟି ସାଧାରଣରେ ବ୍ୟବହୃତ ହୋଇଥାଏ। ଅର୍ଥାତ୍ ଯାହାଥାଏ ଭେଳିକି ବା ମିଛ କଥା କହି ଆଖିରୁ ଲୁହଗଡ଼ାଇ ଲୋକଙ୍କୁ ଭୁଲାଇବା ପାଇଁ ଉଦ୍ଦିଷ୍ଟ। କୁମ୍ଭୀର ଯେତେବେଳେ ପାଟି ମେଲାକରି ପୁଣି ଚାପିଦିଏ ସେତିକିବେଳେ ତାହା ଆଖିରୁ କେତେ ଠୋପା ପାଣି ଝରିପଡ଼େ। ସେଥିପାଇଁ ଏପରି ଲୁହବୁହାକୁ "କୁମ୍ଭୀର କାନ୍ଦଣା" ବୋଲି ଲୋକେ କହିଥାନ୍ତି। ସେହିଭଳି ଏବେ ସ୍ୱାଧୀନତାପରର ନେତାମାନେ କୁମ୍ଭୀର ଭଳି କାନ୍ଦଣା ସୃଷ୍ଟି କରି ଲୋକମାନଙ୍କର ମନ ଭୁଲାଇବା ନିମନ୍ତେ ଚେଷ୍ଟା କରିଆସୁଛନ୍ତି। ଲୋକମାନଙ୍କର ସୁଖ ଓ ଦୁଃଖ ସହିତ କୌଣସି ପ୍ରକାରର ସମ୍ପର୍କ ସେମାନଙ୍କର ନଥାଏ ବା ସାଧାରଣ କଥାରେ ସେମାନେ ଆଦୌ ବିଚଳିତ ହୋଇନଥାନ୍ତି। ଏହିଭଳି ବ୍ୟକ୍ତି ବା ନେତାମାନଙ୍କୁ ମୋର ପୂର୍ବ ପ୍ରବନ୍ଧରେ "ଭେଳିକି ନେତା"କହିବା ସହ ସେମାନଙ୍କର କାର୍ଯ୍ୟକଳାପ ବିଷୟରେ ସମ୍ୟକ ଆଲୋଚନା ବି କରାଯାଇଛି। ଏବେ ଅତି କମ୍ ଦିନ ତଳେ ଓଡ଼ିଶାର ତିନିଜଣ ବରପୁତ୍ର ସ୍ୱର୍ଗତ ଲକ୍ଷ୍ମଣ ନାୟକ, ରଘୁ ଓ ଦିବାକରଙ୍କର ସ୍ମୃତି ଦିବସମାନ ପାଳିତ ହୋଇଯାଉଛି। ଲକ୍ଷ୍ମଣ ନାୟକ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଏବଂ କୋରାପୁଟର ମୈଥିଳୀ ଅଞ୍ଚଳରେ ସେତେବେଳର ଇଂରେଜ ସରକାର ବିରୁଦ୍ଧରେ ଆଦିବାସୀମାନଙ୍କୁ ଅସହଯୋଗ ଆନ୍ଦୋଳନରେ ଭାଗନେବା ନିମନ୍ତେ ମତାଇବା ସହ ଶାସନକୁ ଅସ୍ତବ୍ୟସ୍ତ କରିପକାଇ ଥିଲେ। ତେଣୁ ସେତେବେଳର ସରକାର ସପକ୍ଷବାଦୀ କେତେକ କୁଚକ୍ରୀ ତାଙ୍କୁ ମିଛ ନରହତ୍ୟା ମକଦ୍ଦମାରେ ଫଶାଇ ଦେଇଥିଲେ। ସେତେବେଳେର ବ୍ରିଟିଶ ସରକାରଙ୍କ କଠୋର ନିୟମ ଅନୁସାରେ ସେଥିପାଇଁ ଦୋଷୀ ସାବ୍ୟସ୍ତ ହେବାପରେ ତାଙ୍କୁ ଫାଶୀ ଦଣ୍ଡ ମିଳିଥିଲା। ପଛରେ ଜଣାପଡ଼ିଲା ଯେ ସେ ସେପରି କୌଣସି ନରହତ୍ୟା ସହିତ ସମ୍ପୃକ୍ତ ନଥିଲେ। ସେତେବେଳକୁ ଆଉ ଲକ୍ଷ୍ମଣ ନାୟକ ଇହଧାମରେ ନଥିଲେ। ତାଙ୍କର ଶେଷ ରାତ୍ରିରେ ବ୍ରହ୍ମପୁର ଜେଲ୍‌ରେ ସାକ୍ଷାତ କରିଥିଲେ ସ୍ୱର୍ଗତ ସଦାଶିବ ତ୍ରିପାଠୀ। ସ୍ୱର୍ଗତ ତ୍ରିପାଠୀ ତାଙ୍କର ଶେଷ ଇଚ୍ଛା କ'ଣ ବୋଲି ପଚାରିବାରୁ ଦେଶର ସ୍ୱାଧୀନତା ଦେଖିବାକୁ ଇଚ୍ଛା ଥିଲେ ମଧ୍ୟ ଦେଖିନପାରୁ ନଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଶେଷ ମୁହୂର୍ତ୍ତରେ ଧୈର୍ଯ୍ୟହରା ନହୋଇ ବୀର ସଂଗ୍ରାମୀଙ୍କର ଏହିଭଳି ଚମକପ୍ରଦ ଉତ୍ତର ଥିଲା ବାସ୍ତବିକ ଅଭିନନ୍ଦନୀୟ। ଶେଷରେ ଭାରତବର୍ଷ ସ୍ୱାଧୀନତା ପାଇଲା। ମାତ୍ର ତାହା ଦେଖିବା ପାଇଁ ଆଉ ଲକ୍ଷଣ ନାୟକ ଇହଧାମରେ ନଥିଲେ। ବ୍ରିଟିଶ ସରକାରଙ୍କ ନିର୍ଦ୍ଦେଶରେ ତାଙ୍କୁ ଫାଶୀ ଦଣ୍ଡର ଆଦେଶ ଦେଇଥିଲେ ସେତେବେଳର ବିଚାରକ ସ୍ୱର୍ଗତ ଭି. ରାମନାଥନ୍, ଆଇ.ସି.ଏସ୍ ଓ ସରକାରୀ ଓକିଲ ଥିଲେ ବରହମପୁରର ସ୍ୱର୍ଗତ ଜଗନ୍ନାଥ ରାଓ। ତାଙ୍କ ସହିତ ଅନ୍ୟାନ୍ୟ କେତେକ ଅଫିସର ମଧ୍ୟ ସେଥିରେ ପୂର୍ଣ୍ଣ ମାତ୍ରାରେ ସମ୍ପୃକ୍ତ ଥିଲେ। ଦେଶ ସ୍ୱାଧୀନତା ପାଇଲା ପରେ ଭି. ରାମନାଥନ୍ ନିଜ ଚାକିରିରେ ଯଥେଷ୍ଟ ଉଚ୍ଚକୁ ଯାଇ ଶେଷରେ ଓଡ଼ିଶାର ମୁଖ୍ୟଶାସନ ସଚିବ ପଦରେ ଅଧିଷ୍ଠିତ ହୋଇପାରିଥିଲେ। ସେହିଭଳି ସ୍ୱର୍ଗତ ଜଗନ୍ନାଥ ରାଓ କଂଗ୍ରେସ ଦଳ ଟିକେଟରେ ବ୍ରହ୍ମପୁର ଲୋକସଭା ଆସନରୁ ବହୁବାର ନିର୍ବାଚିତ ହୋଇ କେନ୍ଦ୍ର ସରକାରରେ ମନ୍ତ୍ରୀ ହୋଇପାରିଥିଲେ। ସମ୍ଭବତଃ ନିଜର ତୋଷାମଦରେ ଶାସକମାନଙ୍କୁ ସନ୍ତୁଷ୍ଟ କରିବା ପରେ ସ୍ୱାଧୀନ ଭାରତରେ ଏପରି ସୁଯୋଗ ସେମାନଙ୍କୁ ଅପେକ୍ଷା କରିଥିଲା। ସ୍ୱାଧୀନତା ପାଇବାର ବହୁବର୍ଷ ପରେ ମୁଁ ସ୍ୱର୍ଗତ ଡ. ହରେକୃଷ୍ଣ ମହତାବ, ସତ୍ୟପ୍ରିୟ ମହାନ୍ତି ଓ ସଦାଶିବ ତ୍ରିପାଠୀଙ୍କଠାରୁ ଏପରି କଥାର ଉତ୍ତର ଜାଣିବା ନିମନ୍ତେ ପଚାରିଥିଲି। ମୋର ପ୍ରଶ୍ନ ଥିଲା ଯେଉଁମାନେ ମିଥ୍ୟା ମକଦ୍ଦମାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଫାଶୀ ଦଣ୍ଡ ଦିଆଇ ପାରିଥିଲେ ସେମାନଙ୍କୁ ଏପରି ପଦୋନ୍ନତି କାହିଁକି ଦିଆଗଲା ? ମୋର ଏପରି ପ୍ରଶ୍ନରେ ହତଚକିତ ହୋଇ କୌଣସି ସନ୍ତୋଷଜନକ ଉତ୍ତର ସେମାନଙ୍କଠାରୁ ପାଇପାରିନଥିଲି। ଅବଶ୍ୟ ସେତେବେଳେ ମୋର ବୟସ ଅତି କମ୍ ଥିଲା ଓ ମୁଁ ଥିଲି ଜଣେ ଛାତ୍ର। ସେହି ବିଷୟ ମଧ୍ୟ ବର୍ତ୍ତମାନର ଗଣତାନ୍ତ୍ରିକ ଦଳମାନଙ୍କର ନେତାମାନଙ୍କୁ ପଚରା ଯାଇପାରେ। ସେହି ଅଫିସର ଓ ସରକାରୀ ଓକିଲମାନେ ଏବେ ଧରାଧାମରୁ ବିଦାୟ ନେଇଗଲେଣି। ଲକ୍ଷ୍ମଣ ନାୟକଙ୍କ ଫାଶୀ ପରଠାରୁ ସେମାନଙ୍କ ଚାକିରିରେ ସାମାନ୍ୟ ବ୍ୟତିକ୍ରମ ହେବାର ଦୃଷ୍ଟାନ୍ତ ଇତିହାସରେ ଦେଖାଯାଇନାହିଁ। ଅବସର ପରେ ମଧ୍ୟ ସ୍ୱଚ୍ଛନ୍ଦରେ ଜୀବନଯାପନ ସେମାନେ କରିପାରିଥିଲେ। ହୁଏତ ମୃତ୍ୟୁ ପରେ ଲକ୍ଷ୍ମଣ ନାୟକ ସହୀଦ ବୋଲାଇଲେ ମଧ୍ୟ ତାଙ୍କର ପରିବାର ଯେଉଁଭଳି ଭାବରେ ଦୁସ୍ଥ ଜୀବନ କଟାଇ ଆସୁଥିଲେ ସେମାନେ ସେହିଭଳି ରହିଗଲେ। କୌଣସି ଦଳୀୟ ରାଜନେତାମାନେ ମଧ୍ୟ ସେମାନଙ୍କୁ ସହାନୁଭୂତି ଦେଖାଇଲେ ନାହିଁ। ଅତି କମ୍‌ରେ ସେମାନଙ୍କ ପରିବାରରୁ ଜଣକୁ ଦଳୀୟ ପାର୍ଥୀ ଭାବରେ ଲଢ଼ିବା ପାଇଁ ଟିକେଟ ଦେଇପାରିଥିଲେ ଜାତିର ଗୌରବ ଯଥେଷ୍ଟ ବଢ଼ିଯାଇଥାନ୍ତା। ମାତ୍ର ସ୍ୱାଧୀନତା ପରବର୍ତ୍ତୀ କାଳର କୌଣସି ନେତା ସେମାନଙ୍କ ପରିବାର ପ୍ରତି ସାମାନ୍ୟତମ ସହାନୁଭୂତି ଦେଖାଇଲେ ନାହିଁ। ବର୍ଷକରେ ସେମାନଙ୍କର ପୁଣ୍ୟତିଥିମାନଙ୍କରେ ସମ୍ବାଦପତ୍ରମାନଙ୍କରେ ବଡ଼ ବିଜ୍ଞାପନଟିଏ ଦେଇ ସଭାରେ ନେତା ବା ଅଫିସରମାନେ ପଦେ ଦୁଇପଦ କଥା କହିଦେଲେ ସମ୍ଭବତଃ ତାଙ୍କ ପ୍ରତି ଶ୍ରଦ୍ଧା ଅର୍ପଣ ହୋଇଗଲା ବୋଲି ଭାବି ନିଆଯାଏ। ଏହାହିଁ ହେଉଛି ବିଚିତ୍ର ଗଣତନ୍ତ୍ର। ଦଳପତିମାନଙ୍କ ଆଶୀର୍ବାଦରୁ ବଜାରରେ ବୁଲୁଥିବା ବା ନାଟ ଦଳରୁ ଧରାହୋଇ ନେତା ସାଜିଥିବା ଥୋକାଏ ଆଜି ଲୋକମଙ୍ଗଳ ନିମନ୍ତେ ବହୁ କଥା କହିପାରୁଛନ୍ତି ହୁଏତ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ସହୀଦ ପରିବାରଙ୍କୁ କେହି ପଚାରୁ ନାହାନ୍ତି। ଏହାକୁ ହିଁ କୁହାଯାଏ ଅନ୍ଧ ଗଣତନ୍ତ୍ର।

ସେହିଭଳି ସେତେବେଳର ପୁରୀ ଜିଲ୍ଲା ରଣପୁର ପ୍ରଜାମେଳିରେ ବିଦ୍ରୋହୀମାନେ ବେଜେଲ୍ ଗେଟ୍‌କୁ ମାରିଦେଇଥିଲେ। ବେଜେଲ୍ ଗେଟ୍ ମରିବାର କରୁଣ ଦୃଶ୍ୟ ଯିଏ ନିଜ ଆଖିରେ ଦେଖିଥିଲେ ସେ ହେଉଛନ୍ତି ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ପାଇକରାୟ। ତାଙ୍କ ମୁହଁରୁ ମୁଁ ଶୁଣିଛି ଯେ ବେଜେଲ୍ ଗେଟ୍ ବନ୍ଧୁକ ଫୁଟାଇ ନିଜକୁ ରକ୍ଷା କରିବା ନିମନ୍ତେ ଜଣକ ଘରକୁ ପଶିଗଲା ସମୟରେ ଶଗଡ଼ ଚକରେ ତାର ବେକ ପଶି ରହିଗଲା। ତାହାପରେ ଉତ୍ତକ୍ତ ଜନତା ତାକୁ ସେଠାରେ ଠେଙ୍ଗାରେ ପିଟି ମାରି ଦେଇଥିଲେ। ଯେଉଁ ବ୍ୟକ୍ତିର ଠେଙ୍ଗା ମାଡ଼ରେ ସେ ମରିଥିଲା ସେ ହେଲେ ଦୋଷମୁକ୍ତ ଓ ରଣପୁର ରାଜରାସ୍ତାରେ ମୁକ୍ତ ଭାବରେ ସେ ସେତେବେଳେ ଚାଲବୁଲ କରୁଥିଲେ। ସେତେବେଳେ ଗଙ୍ଗାଧର ପାଇକରାୟଙ୍କ ବୟସ ଥିଲା ମାତ୍ର ୧୫ରୁ ୧୬ବର୍ଷ ମଧ୍ୟରେ। ମାତ୍ର ଉଦିୟମାନ ଯୁବକ ଦ୍ୱୟ ରଘୁ ଓ ଦିବାକରଙ୍କୁ ମିଥ୍ୟା ନରହତ୍ୟା ଦଣ୍ଡରେ ଦଣ୍ଡିତ କରାଇ ବିହାରର ଭାଗଲପୁର ଜେଲ୍‌ରେ ଫାଶୀ ଦିଆଯାଇଥିଲା। ବେଜେଲ୍ ଗେଟ୍ ମରିବା ପରେ ସେତେବେଳର ବ୍ରିଟିଶ ସରକାର ଯେପରି ହିଂସ୍ର ହୋଇଉଠିଥିଲେ ସେଥିରେ ଆଉ ବହୁତ ଲୋକଙ୍କର ପ୍ରାଣହାନୀ ହୋଇଥାନ୍ତା। ମାତ୍ର ତତ୍କାଳୀନ ଜନନେତା ସ୍ୱର୍ଗତ ହରେକୃଷ୍ଣ ମହତାବ ଏହି ବିଦ୍ରୋହକୁ ପ୍ରଶମିତ କରିପାରିଥିଲେ। ଫଳରେ ମହତାବଙ୍କୁ ଇଂରେଜ ଶାସନ ତରଫରୁ ହତ୍ୟା ଅଭିଯୋଗରେ ଦଣ୍ଡିତ କରିବାର ଉଦ୍ୟମ ହୋଇଥିବା ମୁଁ ସ୍ୱର୍ଗତ ପାଇକରାୟଙ୍କ ଠାରୁ ଶୁଣିଥିଲି। ରଘୁ ଦିବାକରଙ୍କୁ ଫାଶୀ ଦେବାର ଆଦେଶ ଦେଇଥିଲେ ସେତେବେଳର ଆଇ.ସି.ଏସ୍. ଅଫିସର ଡ. ବି. ଶିବରମଣ। ସେ ବି ସ୍ୱାଧୀନତାର ପରବର୍ତ୍ତୀ ସମୟରେ ରାଜ୍ୟର ଜଣେ ମୁଖ୍ୟଶାସନ ସଚିବ ରୂପେ କାର୍ଯ୍ୟ କରିଥିଲେ। ସମ୍ଭବତଃ ରଘୁଦିବାକରଙ୍କ ଭଳି ଦୁଇଜଣ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ କରି ଫାଶୀ ଦେବାପରେ ଏହାଥିଲା ତାଙ୍କର ପୁରସ୍କାର। ନିଜ ଚାକିରିରେ ଅବସ୍ଥାପିତ ହେବାପରଠାରୁ ଅବସର ନେବା ପର୍ଯ୍ୟନ୍ତ ସେ ବେଶ୍ ସ୍ୱଚ୍ଛନ୍ଦରେ ରହିଥିଲେ। ଅଳ୍ପ ସମୟ ପାଇଁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ବେଳେ ସେ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ପଦ ମଧ୍ୟ ପାଇପାରିଥିଲେ। ହୁଏତ ରଘୁଦିବାକରଙ୍କ ପରିବାରମାନେ କ'ଣ ପାଇଲେ ? କେବଳ ବର୍ଷକରେ ଦୁଇଥର ସ୍ମୃତି ଦିବସରେ କୁମ୍ଭୀର କାନ୍ଦଣା ଭଳି ନେତାମାନେ କେତେ ପଦ କହି ଭାଷଣ ଦେଇଦେଲେ ସମ୍ଭବତଃ ସେମାନଙ୍କ ପ୍ରତି ଥିଲା ଉପଯୁକ୍ତ ସମ୍ମାନ। ମାତ୍ର ଦଳୀୟ ରାଜନେତାମାନଙ୍କ ଦ୍ୱାରା ତାଙ୍କ ପରିବାରର କେତେଜଣ ବିଧାନସଭା ବା ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଯାଇଥିଲେ ? ପରବର୍ତ୍ତୀ କାଳରେ ସେମାନଙ୍କ ପାଇଁ ବର୍ତ୍ତମାନର ନେତାମାନେ ଶ୍ରଦ୍ଧାଞ୍ଜଳୀ ସଭାମାନ କରି ଅଶ୍ରୁ ତର୍ପଣ କରିଚାଲିଛନ୍ତି। ସେମାନଙ୍କ ପାଇଁ ଥିଲା ଏହା କ'ଣ ଉପଯୁକ୍ତ ସମ୍ମାନ ? ଆମର ଉତ୍ତର ପୁରୁଷ ଏପରି କଥାରୁ କ'ଣ ଶିକ୍ଷା ପାଇବେ ? ଶାସନରେ ବର୍ତ୍ତମାନ ବହୁ ଭେଳିକି ଅଫିସର ଆସନ ଜମାଇ ବସିଛନ୍ତି। ସ୍ୱାଧୀନତାରେ ଝାସ ଦେଇ କେତେଜଣ କାରାବରଣ ବା ଫାଶୀ ଦଣ୍ଡ ପାଇଥିଲେ ସେମାନଙ୍କ ପାଖରେ ତାହାର ହିସାବ ମଧ୍ୟ ନଥିବ। ସେମାନେ କେବଳ ନିଜ ଉପରେ ଥିବା ଅଫିସର ବା ନିର୍ବାଚିତ ପ୍ରତିନିଧିମାନଙ୍କର ଇଚ୍ଛା ଅନୁସାରେ ଶାସନ କରିଚାଲିଛନ୍ତି। ଗାନ୍ଧୀ କିଏ ବୋଲି ପଚାରିଲେ ସେମାନେ ଇନ୍ଦିରା ଗାନ୍ଧୀଙ୍କ ବଂଶଧରଙ୍କୁ ହିଁ ଜାଣିଥାନ୍ତି। ପ୍ରକୃତ ଗାନ୍ଧୀଙ୍କ ବିଷୟରେ ଜାଣିଛନ୍ତି ସେମାନଙ୍କ ଭିତରୁ କେତେଜଣ ଅଫିସର ? ଅବିଭକ୍ତ ବଙ୍ଗଳା ଦେଶରେ ଯେତେବେଳେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା ସେତେବେଳେ ସେଠାରେ ଅତି କମ୍ ବୟସର ଯୁବକମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସେମାନଙ୍କର ବୟସ ଥିଲା ପ୍ରାୟ ୨୦ରୁ ୨୪ ମଧ୍ୟରେ ଏବଂ ସେମାନେ ମୁଖ୍ୟତଃ ଥିଲେ ହିନ୍ଦୁ। ପାକିସ୍ତାନ ବା ବଙ୍ଗଳା ଦେଶ ସୃଷ୍ଟି ହେବାପରେ ସେମାନଙ୍କ ବିଷୟରେ କେହି ହେଲେ ପଦେ କଥା ଉଠାଇନଥିଲେ। ସହୀଦ କହିବା ତ ଦୂରର କଥା। ଏହା ହିଁ କଣ ସାମାଜିକ ଚେତନା ? କେବଳ ବଙ୍ଗଳା ଦେଶର କଥା କହିଲେ ହେବନାହିଁ ଭାରତର ବହୁ ସ୍ଥାନରେ ଏହିଭଳି ଦଣ୍ଡିତ ହୋଇଥିବା ନେତାମାନଙ୍କ ନାମ ଲୋକେ ପ୍ରାୟତଃ ଭୁଲିଗଲେଣି। ଯଦି ଦୃଷ୍ଟିକୁ ଆସେ ତେବେ କୁମ୍ଭୀର କାନ୍ଦଣା ଭଳି ଦୁଇପଦ କଥା କହି ଜନମନ ସନ୍ତୁଷ୍ଟ କରିବା ହେଉଛି ନେତାମାନଙ୍କର କାର୍ଯ୍ୟ। ତେଣୁ ଦେଶରେ ଗଣତନ୍ତ୍ର କିଭଳି ଚାଲିଛି ତାହା ଏଥିରୁ ସହଜେ ଅନୁମେୟ। ଗଣତନ୍ତ୍ର କେବଳ ଦଳୀୟ ରାଜନୀତିକୁ ନେଇ ଗଢ଼ିଉଠିଛି ବୋଲି କୁହାଯାଏ। ମାତ୍ର ଯେଉଁ ଦଳରେ ଗଣତନ୍ତ୍ର ନାହିଁ ଓ ପରିବାରବାଦ ଶାସନ ଚାଲିଛି ସେମାନଙ୍କଠାରୁ କ'ଣ ବା ଆଶା କରାଯାଇପାରେ ? ଦଳରେ ଥିବା କେତେକ ସ୍ତାବକ ସେମାନଙ୍କର ବନ୍ଦନା ଚାଲିଛନ୍ତି। ଗଣମାଧ୍ୟମମାନେ ସେ ସବୁକୁ ବି ପ୍ରଚାର କରିବାରେ ବେଶ୍ ଓସ୍ତାଦ। ହୁଏତ ତାହା ପ୍ରକୃତ ଗଣତନ୍ତ୍ର ପ୍ରତି ହାସ୍ୟାସ୍ପଦ ହୋଇଥାଏ ବୋଲି କୁହାଯାଇପାରିବ। ଏହିଭଳି ପ୍ରଚଳିତ ଗଣତନ୍ତ୍ରରେ ରହି ରାଜନେତାମାନଙ୍କର କୁମ୍ଭୀର କାନ୍ଦଣା କେତେଦିନ ଚାଲିବ ଓ ତାହାର ଶେଷ ପରିଣତି କଣ ହେବ ତାହାର ଉତ୍ତର ଉତ୍ତରପୁରୁଷମାନଙ୍କଠାରୁ ହିଁ ମିଳିପାରିବ।

# ବିଦେଶରେ ଦେବୀ ବୀଣାପାଣିଙ୍କ ଆରାଧନା



ନେତାଜୀ ତାପସ କୁମାର ସାହୁ
ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
ମୋ – ୮୨୬୦୩୫୬୧୧୩

ବସନ୍ତର ଆଗମନରେ ସମଗ୍ର ଧରାପୃଷ୍ଠରେ ନୂତନ ଉନ୍ମାଦନା ସୃଷ୍ଟି ହୋଇଥାଏ । ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ଯାହାକି ଶ୍ରୀପଞ୍ଚମୀ ନାମରେ ଖ୍ୟାତ, ସେହି ଦିନ ଦେବୀ ସରସ୍ୱତୀ ପ୍ରକଟ ହୋଇଥିବାରୁ ତାଙ୍କର ଆରାଧନା ଉକ୍ତ ଦିନ କରାଯାଇଥାଏ । ମା'ସରସ୍ୱତୀ ବିଦ୍ୟା, ଜ୍ଞାନ, କଳା ଓ ସାହିତ୍ୟର ଦେବୀ ରୂପେ ଆବାହମାନ କାଳରୁ ପୂଜିତା । ଦେବୀ ଶ୍ୱେତ ବସ୍ତ୍ର ପରିଧାନ କରିଥାନ୍ତି, ଯାହାକି ଶୁଦ୍ଧ ଅନ୍ତଃକରଣ ରୂପୀ ଜ୍ଞାନକୁ ପ୍ରତିଭାତ କରିଥାଏ । ପଦ୍ମଫୁଲ ଉପରେ ମାଆ ବିଦ୍ୟମାନ, ଯାହାକି ବାର୍ତ୍ତା ଦିଏ ପଦ୍ମଫୁଲ ଯାହାକି ଜଳାଶୟରେ ଫୁଟି ଥାଏ ଏବଂ ଏହାର ନାଡ କାଦୁଅରେ ଥିଲା ବେଳେ ମୂଳରେ ସାପ ମଧ୍ୟ ଗୁଡେଇ ହୋଇ ରହିଥାଏ । ମାତ୍ର ସୂର୍ଯ୍ୟ କିରଣକୁ ଚାହିଁ ଫୁଟୁଥିବା ଏହି ପଦ୍ମଫୁଲ ଭୌତିକ ସଂସାର ରୂପୀ କାଦୁଅ ତଥା ଜଞ୍ଜାଳ ରୂପୀ ସାପର ଫାଶରୁ ମୁକ୍ତ ହୋଇ ସୂର୍ଯ୍ୟ କିରଣ ରୂପୀ ବାସ୍ତବ ଜ୍ଞାନ ଆହରଣ ପାଇଁ ପ୍ରେରଣା ଦେଇଥାଏ। ଚତୁର୍ଭୂଜା ଭାବେ ମାତା ସରସ୍ୱତୀ ହାତରେ ବେଦ, ସ୍ଫଟିକ ମାଳ ଓ ବୀଣା ଧାରଣ କରିଥାନ୍ତି । ସନାତନ ଧର୍ମ ଅନୁସାରେ ବେଦ ହେଉଛି ସମ୍ପୂର୍ଣ୍ଣ ଜ୍ଞାନର ଭଣ୍ଡାର। ସେହିପରି ସ୍ଫଟିକ ମାଳ ଏକାଗ୍ରଚିତ୍ତର ପ୍ରତୀକ ଭାବରେ ବିବେଚିତ କରାଯାଉଥିବା ବେଳେ ବୀଣା ବାସ୍ତବ ଜୀବନର ଗୁରୁତ୍ୱ ଓ ମହତ୍ତ୍ୱ ବୁଝି ଦକ୍ଷତାର ସହ ପରିଚାଳନା କରିବାର ସାଙ୍କେତିକ ପ୍ରତୀକ । ଦେବୀଙ୍କ ବାହାନ ହେଉଛି ହଂସ, ଯିଏ ପାଣି ଓ କ୍ଷୀର ଅଲଗା କରିଥାଏ । ହଂସ ଏଠାରେ ମାନବ ସମାଜକୁ ଷଡ଼ ରିପୁଠୁ ନିଜକୁ ଦୂରେଇ ମୋକ୍ଷ ପ୍ରାପ୍ତି ପାଇଁ ବାର୍ତ୍ତା ଦେବା ସହ ଭଲ ଖରାପର ପ୍ରଭେଦ ଜାଣି ଭଲକୁ ଗ୍ରହଣ କରି ଜୀବନକୁ ଉଚିତ୍ ମାର୍ଗରେ ପରିଚାଳିତ କରିବା ପାଇଁ ଶିକ୍ଷା ଦେଇଥାଏ।

ମାଆ ସରସ୍ୱତୀଙ୍କୁ ଉଭୟ ହିନ୍ଦୁ ଓ ବୌଦ୍ଧ ଧର୍ମର ଦେବୀ ରୂପେ କେବଳ ଭାରତରେ ନୁହଁ ବିଦେଶରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥାଏ ।

ଜାପାନରେ ଉଭୟ ବୌଦ୍ଧ ଓ ଶିନ୍ତୋ ଧର୍ମାବଲମ୍ବୀ ମାନେ 'ବେଞ୍ଜାଇତେନ୍'ଙ୍କୁ ବିଦ୍ୟାର ଦେବୀ ରୂପେ ଆରାଧନା କରିଥାନ୍ତି, ଯିଏକି ଶ୍ୱେତ ପଦ୍ମ ଉପରେ ବିରାଜମାନ ହେବା ସହ **'ବିୱା'** ନାମକ ବାଦ୍ୟ ଯନ୍ତ୍ର ହାତରେ ଧରିଥାନ୍ତି, ଯାହାକି ଜାପାନରେ ବିଭିନ୍ନ ଶୁଭକାର୍ଯ୍ୟରେ ବଜାଯାଇଥାଏ । ଦେବୀ ବେଞ୍ଜାଇତେନଙ୍କ ମନ୍ଦିର ମୁଖ୍ୟତଃ ଜଳାଶୟ ନିକଟରେ ଅବସ୍ଥିତ । ସ୍ଥାନୀୟ ଲୋକମାନେ ଦେବୀଙ୍କୁ କଳା, ସାହିତ୍ୟ, ସଙ୍ଗୀତ ଓ ଭାଗ୍ୟର ଦେବୀ ରୂପେ ମାନିଥାନ୍ତି । ସେମାନଙ୍କ ବିଶ୍ୱାସ ମାଆଙ୍କୁ ଆରାଧନା କରିଲେ ବ୍ୟକ୍ତି ଉତ୍ତମ ସ୍ୱାସ୍ଥ୍ୟ, ଧନ ସମ୍ପଦ ଓ ସଫଳତା ପ୍ରାପ୍ତ କରିଥାଏ । ସେହିପରି ନୋସିମା ଦ୍ୱୀପର ଅଧିବାସୀମାନେ କୁହନ୍ତି ଜାପାନକୁ ଦେବୀ ବେଞ୍ଜାଇତେନ ଭୂମିକମ୍ପରୁ ସବୁବେଳେ ରକ୍ଷା କରିଥାନ୍ତି । ଜାପାନରେ ବେଞ୍ଜାଇତେନଙ୍କ ତିନୋଟି ପ୍ରମୁଖ ମନ୍ଦିର ଇତସୁକୁସିମା, ଇନୋସିମା ଓ ହୋଗୋନ ଠାରେ ଅବସ୍ଥିତ ।

ଚୀନରେ ଦେବୀ ସରସ୍ୱତୀଙ୍କୁ 'ବିୟାନଚାଇତ୍ୟାନ୍' ରୂପେ ଆରାଧନା କରାଯାଏ, ଯାହାଙ୍କୁ ବୌଦ୍ଧଧର୍ମରେ 'ସୁବର୍ଣ୍ଣପ୍ରଭାସୂତ୍ର' ନାମରେ ବର୍ଣ୍ଣନା କରାଯାଇଛି ।

ପଡୋଶୀ ମିଆଁମାରରେ 'ଥୁରଥଦୀ', 'ସୁରସ୍ୱତୀ' ଓ 'ତିପିଟକମେଦା' ରୂପେ ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଏ । ଏଠାରେ ସ୍ଥାନୀୟ ଲୋକମାନେ ଦେବୀଙ୍କୁ ଅନେକ ସଂଖ୍ୟାରେ ମାନିଥାନ୍ତି। ପ୍ରାଚୀନ ବୌଦ୍ଧ ପ୍ରସ୍ତର କଳା ଗୁଡ଼ିକରେ ଦେବୀଙ୍କ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳିଥିବା ବେଳେ, ୧୦୮୪ ଖ୍ରୀଷ୍ଟାବ୍ଦରେ ସ୍ଥାପିତ ବାଗଦେବୀଙ୍କ ମନ୍ଦିର ଆଜିବି ଏଠାରେ ବିଦ୍ୟମାନ । ବୌଦ୍ଧ ଧର୍ମାବଲମ୍ବୀ ମାନେ ଦେବୀ ଥୁରଥଦୀଙ୍କୁ ଜ୍ଞାନ ଓ କଳାର ଦେବୀ ରୂପେ ଆରାଧନା କରିବା ସହ ବୌଦ୍ଧ ଧର୍ମଗ୍ରନ୍ଥ ଗୁଡ଼ିକୁ ଦେବୀ ରକ୍ଷା କରିଥାନ୍ତି ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

କମ୍ବୋଡିଆଠାରେ ଥିବା ବିଶ୍ୱର ସର୍ବବୃହତ ମନ୍ଦିର ଅଙ୍କୋରବାଟ ମନ୍ଦିରରେ ମାଆ ସରସ୍ୱତୀଙ୍କ ମୂର୍ତ୍ତି ପୂଜା ପାଉଥିବା ବେଳେ ସ୍ଥାନୀୟ ଲୋକମାନେ 'ବାଗୀଶ୍ୱରୀ' ରୂପେ ତାଙ୍କୁ ଆରାଧନା କରିଥାନ୍ତି ।

ସେହିପରି ଥାଇଲାଣ୍ଡରେ ପ୍ରଚଳିତ ପ୍ରାଚୀନ ଗ୍ରନ୍ଥ ଗୁଡିକରେ ଦେବୀ ସରସ୍ୱତୀଙ୍କୁ 'ସୁରସବଦୀ' ନାମରେ ଉଲ୍ଲେଖିତ କରାଯାଇଥିବା ବେଳେ ସମସ୍ତଙ୍କୁ ସେ ବାକ୍ ଶକ୍ତି ପ୍ରଦାନ କରିଥାନ୍ତି ବୋଲି କିମ୍ବଦନ୍ତୀ ରହିଛି । ଏଠାରେ ମୟୂର ଉପରେ ବିରାଜିତା ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଇଥାଏ। ସୁଦୂର ଇଣ୍ଡୋନେସିଆର ସାହିତ୍ୟ ତଥା ଧର୍ମ ଶାସ୍ତ୍ରରେ ଦେବୀ ସରସ୍ୱତୀଙ୍କ ବିଷୟରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଥିବା ବେଳେ ବାଲି ଠାରେ ଅନୁଷ୍ଠିତ ହେଉଥିବା ପ୍ରତିଟି ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆରମ୍ଭରେ ଦେବୀ ସରସ୍ୱତୀଙ୍କ ଆହ୍ୱାନ କରାଯାଇଥାଏ, ଯାହାକି ଓଡ଼ିଶାରେ ପ୍ରଚଳିତ ପାଲା ଗାୟନ ପୂର୍ବରୁ ପାଲା ଗାୟକଙ୍କ ଦ୍ୱାରା ଦେବୀ ବନ୍ଦନା ସହ ସାମଞ୍ଜସ୍ୟ ରଖିଥାଏ । ଏହି ଦିନ ବାଲିରେ ପ୍ରଚଳିତ ବାର୍ଷିକ କ୍ୟାଲେଣ୍ଡର ମଧ୍ୟ ସମାପ୍ତ ହେଉଥିବା ବେଳେ ହିନ୍ଦୁ ମାନେ ବେଶ୍ ଧୁମ୍ ଧାମ୍ ସହକାରେ ଏହି ଉତ୍ସବକୁ ପାଳନ କରିଥାନ୍ତି ।

ପ୍ରାଚୀନ ଦେଶ ଗ୍ରୀସର ଏଥେନ୍ସ ସହରର ରକ୍ଷାକର୍ତ୍ତ୍ରୀ ଦେବୀ 'ଏଥେନା'ଙ୍କୁ ଜ୍ଞାନ, କଳା, ଶକ୍ତି, ସଭ୍ୟତା, ନ୍ୟାୟ ଓ ଗଣିତ ଶାସ୍ତ୍ରର ଆରାଧ୍ୟା ଦେବୀ ରୂପେ ବର୍ଣ୍ଣିତ କରାଯାଇଛି ।

ମିଶରରେ ଦେବୀ 'ସେଶାତ'ଙ୍କୁ ଲେଖନ କଳା ଆବିଷ୍କାର କରିବା ସହ ଜ୍ୟୋତିଷ, ଜ୍ୟାମିତି ଓ ବାସ୍ତୁକଳା ରଚନା କରିଥିବାର ବିଶ୍ୱାସ କରାଯାଏ । ସେହିପରି ଫ୍ରାନ୍ସ, ସ୍ପେନ୍, ଇଂଲଣ୍ଡ, ବେଲଜିୟମ, ଅଷ୍ଟ୍ରିୟା ତଥା ୟୁରୋପୀୟ ଦେଶ ଗୁଡ଼ିକରେ ଜ୍ଞାନ ଓ ଶିଳ୍ପ କଳାର ଦେବୀ ରୂପେ 'ମିନର୍ଭା'ଙ୍କୁ ତଥା ଜର୍ମାନୀରେ ଜ୍ଞାନ, ସଦାଚାର ଓ ଆତ୍ମ ନିୟନ୍ତ୍ରଣ ଦେବୀ ରୂପେ 'ସ୍ନୋତ୍ର କୋ'ଙ୍କୁ ଆରାଧନା କରାଯାଇଥାଏ ।

ତେବେ ମାଆ ଯେତେ ରୂପରେ ଓ ନାମରେ ପୂଜା ହେଲେ ବି ସେ ସାରା ବିଶ୍ୱର ମାଆ । ଓଡ଼ିଶାରେ ଏହି ବସନ୍ତ ପଞ୍ଚମୀ ଦିନ ଶ୍ରୀଜୀଉମାନଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଥମ କାଠ ଆସି ବଡଦାଣ୍ଡରେ ପହଞ୍ଚି ଥାଏ, ଯାହାକି ପ୍ରତିପାଦିତ କରେ ଜଗନ୍ନାଥ ସଂସ୍କୃତିର ନାରୀ ଜାତି ପ୍ରତି ଅଗ୍ରାଧିକାର ଓ ପ୍ରାଧାନ୍ୟତା ।

# ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

## ସତ୍ୟ ଭାଗବତ

### ପ୍ରଥମ ଅଧ୍ୟାୟ
### ମା।

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି ' ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ।
(୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)

# ଯୁଗେ ଯୁଗେ ସରସ୍ୱତୀ



ରାଜସ୍ମିତା ବାରିକ୍
ନୀଳଗିରି, ବାଲେଶ୍ୱର

**"ସରସ୍ୱତୀ ମହାଭାଗେ ବିଦ୍ୟେ କମଳଲୋଚନେ !**
**ବିଦ୍ୟାରୂପେ ବିଶାଳାକ୍ଷି ବିଦ୍ୟାଂ ଦେହି ନମୋ ସ୍ତୁତେ ।।"**

ସନାତନ ଧର୍ମରେ ବାଗଦେବୀଙ୍କ ଆରାଧନାର ବିଶେଷ ଗୁରୁତ୍ୱ ରହିଛି। ଋତୁରାଜ ବସନ୍ତ ନିଜର ମୃଦୁ ମଳୟରେ ବିଦ୍ୟାଦାୟିନୀ ମା'ସରସ୍ୱତୀଙ୍କୁ ଧରା ପୃଷ୍ଠକୁ ସ୍ୱାଗତ କରେ । ଏହି ପର୍ବ ମାଘମାସ ଶୁକ୍ଳପକ୍ଷ ପଞ୍ଚମୀତିଥିରେ ପାଳନ କରାଯାଏ । ବିଦ୍ୟାପ୍ରାପ୍ତି ନିମିତ୍ତ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ମା' ସରସ୍ୱତୀଙ୍କୁ ବିଦ୍ୟାର୍ଥୀମାନେ ଭକ୍ତି ସହକାରେ ଆରାଧନା କରିଥାନ୍ତି।



ଜ୍ଞାନ, ଶିକ୍ଷା, ସଙ୍ଗୀତ ଏବଂ କଳାର ଦେବୀ ମା'ସରସ୍ୱତୀ । ମାଆଙ୍କ ଆଗମନରେ ଧରାପୃଷ୍ଠ ଉତ୍ସବମୁଖର ହୋଇ ଉଠେ। ବସନ୍ତ ପଞ୍ଚମୀରେ ମା'ସରସ୍ୱତୀଙ୍କୁ ପୂଜା କରିବା ଦ୍ୱାରା ମହାଲକ୍ଷ୍ମୀ ଓ ମା'କାଳୀଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ମା'ସରସ୍ୱତୀଙ୍କୁ ବାଗଦେବୀ, ଭଗବତୀ, ଶାରଦା, ବୀଣାବାଦିନୀ ରୂପରେ ମଧ୍ୟ ପୂଜା କରାଯାଇଥାଏ। ସରସ୍ୱତୀ ପୂଜାକୁ ବସନ୍ତ ପଞ୍ଚମୀ ବା ଶ୍ରୀପଞ୍ଚମୀ ମଧ୍ୟ କୁହାଯାଏ। ମା'ସରସ୍ୱତୀ ଶୁକ୍ଳ ବସ୍ତ୍ର ପରିଧାନ କରି କର୍ଣ୍ଣରେ ରତ୍ନବିଭୂଷିତ କୁଣ୍ଡଳ ଧାରଣ କରି ଗଳାରେ ଗଜମୋତି ଏବଂ ମୁକ୍ତାହାର ପିନ୍ଧି ଓ ହସ୍ତରେ ବୀଣା ଓ ପୁସ୍ତକ ଧାରଣ କରି ପଦ୍ମାସନରେ ଶ୍ୱେତପଦ୍ମ ଉପରେ ଅଧିଷ୍ଠାତ୍ରୀ ହୁଅନ୍ତି।

ଆଦିଶକ୍ତିଙ୍କ ତେଜ ପୁଞ୍ଜରୁ ମା'ସରସ୍ୱତୀ ପ୍ରକଟ ହୋଇଥିଲେ। ମା'ସରସ୍ୱତୀ ଜ୍ଞାନ, ପ୍ରଜ୍ଞା, ବାଣୀ, ସୌନ୍ଦର୍ଯ୍ୟ ଓ ଅନ୍ୟ ସମସ୍ତ ସୃଜନକ୍ରିୟାର ଅଧିଷ୍ଠାତ୍ରୀ ଅଟନ୍ତି। ସେ ଚତୁର୍ଭୁଜା ଯାହାକି ମନ, ବୁଦ୍ଧି, ବିଚାର ଓ ଚେତନାର ପ୍ରତୀକ । ହିନ୍ଦୁ ଧର୍ମରେ ମା' ସରସ୍ୱତୀଙ୍କୁ ସର୍ବଦା ଧଳାପଦ୍ମ, ଶ୍ୱେତହଂସ ସହ ସୁସଜ୍ଜିତା କରା ଯାଇଥାଏ। ଶୁଭ୍ରତା ହେଉଛି ପବିତ୍ରତାର ପ୍ରତୀକ, ପଦ୍ମଫୁଲ ବିମଳ ବିଚାରର ପ୍ରତୀକ, ହଂସ ହେଉଛି ପ୍ରାଣଶକ୍ତିର ପ୍ରତୀକ। ତ୍ରେତୟା ଯୁଗରେ ମାତା କୈକେୟୀ ନିଜର ପୁତ୍ର ଭରତଙ୍କ ଠାରୁ ରାମଙ୍କୁ ଅଧିକ ଭଲ ପାଉଥିଲେ । ଯେଉଁଥି ପାଇଁ ସେ ଜାଣିଥିଲେ ଯଦି ରାମ ଭୋଗ ବିଳାସ ଜୀବନ ଯାପନ କରିବେ ତେବେ ସଂସାରର ହିତ ସାଧନ ତଥା ରାମ ଅବତାରର ମୁଖ୍ୟ ଲକ୍ଷ୍ୟ ସାକାର ହୋଇ ପାରିବ ନାହିଁ । ତେଣୁ ଦେବୀ ସରସ୍ୱତୀଙ୍କୁ ଆରାଧନା ପୂର୍ବକ ଦାସୀ ମନ୍ଥରା କଣ୍ଠରେ ବନବାସ କଥା କହିବା କରାଇଥିଲେ ରାମ । ହୁଏତ ଏଥିପାଇଁ କୈକେୟୀଙ୍କୁ ଅନେକ ଲୋକ ଆଜିବି କୁମାତା କୁହନ୍ତି । କିନ୍ତୁ ରାମଚନ୍ଦ୍ର ସେଦିନ ଉତ୍ତର ଦେଇଥିଲେ – 'କୁପୁତ୍ର ଜାୟତେ କୋ ଚି ଦପି କୁମାତା ନ ଭବତି । 'ଅର୍ଥାତ ପୁତ୍ର ଖରାପ ହୋଇପାରେ କିନ୍ତୁ ମାଆ କେବେ ବି ନୁହଁ । ମାଆର ପ୍ରତିଟି ନିଷ୍ପତ୍ତି ଓ ବାକ୍ୟ ବେଦବାଣୀଠୁ ଅଧିକ । କାରଣ ସେହିଁ ସୃଷ୍ଟିର ଆରମ୍ଭ ଓ କାରଣ । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଯେଉଁ ବଂଶୀର ସ୍ୱରରେ ସମଗ୍ର ବିଶ୍ୱକୁ ବାନ୍ଧି ରଖିଥିଲେ, ସେଥିପାଇଁ ସେ ମାତା ସରସ୍ୱତୀଙ୍କ ଠାରୁ ଆଶୀର୍ବାଦ ରୂପେ ଏହି ମୋହନ ବଂଶୀକୁ ପ୍ରାପ୍ତ କରିଥିଲେ। କଳିଯୁଗରେ ମାନବୀୟ ଲୀଳା କରୁଥିବା ଶ୍ରୀଜଗନ୍ନାଥଙ୍କୁ ସମାଜରେ ପ୍ରଚଳିତ ଥିବା ଜାତି ଅଜାତି ଭେଦ ଭାବ ଦୂର କରି ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ପୁନଃ ଦେବୀ ସରସ୍ୱତୀଙ୍କ ଭୂମିକା ଅବିସ୍ମରଣୀୟ, ଯାହାକି ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ'ରେ ଦେଖିବାକୁ ମିଳେ । ଯେତେବେଳେ ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିର ତ୍ୟାଗ କରିବା ପାଇଁ ମହାପ୍ରଭୁ ନିର୍ଦ୍ଦେଶ ଦେଇଥିଲେ, ଲକ୍ଷ୍ମୀ ନିଜ ଗୃହ ତ୍ୟାଗ ପୂର୍ବକ ସରସ୍ୱତୀଙ୍କୁ ସ୍ମରଣ କରି କହିଥିଲେ –

**'ମହାଲକ୍ଷ୍ମୀ ତହୁଁ ଏକ କଥା ବିଚାରିଲେ**
**ସରସ୍ୱତୀ ଦେବୀଙ୍କୁ ଯେ ହୃଦେ ସୁମରିଲେ**
**ବୋଇଲେ ଗୋ ସରସ୍ୱତୀ ଏମନ୍ତ କରିବ**
**ରାଜ୍ୟ ରାଜ୍ୟ ହୋଇ ଘରେ ଘରେ ବୁଲୁଥିବ**
**ସର୍ବ ଦ୍ୱାରେ ଜଗନ୍ନାଥ ବୁଲିବେଟି ଯାଇଁ**
**ସର୍ବ କଣ୍ଠେ ସରସ୍ୱତୀ ବିଜେ କର ତୁହି।'**

ସେହିପରି ବସନ୍ତ ପଞ୍ଚମୀ ଦିନ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ସନ୍ଧ୍ୟାଧୂପ ପରେ ସରସ୍ୱତୀ ଦେବୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଏ ଏବଂ ଏହି ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଠାରେ ପଞ୍ଚପଲ୍ଲବ ଲାଗି ହୁଏ । ଏଥି ସହିତ ରଥଯାତ୍ରା ନିମନ୍ତେ ରଥକାଠ ଅନୁକୂଳ ମଧ୍ୟ କରାଯାଏ । ମା ସରସ୍ୱତୀଙ୍କୁ ଭାରତ ବ୍ୟତୀତ ଜାପାନ, ଚୀନ୍, ମିଆଁମାର, କମ୍ବୋଡିଆ, ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆରେ ମଧ୍ୟ ଆରାଧନା କରାଯାଏ। ସେଇଥିପାଇଁ ସେ ବିଶ୍ୱଦେବୀ। ବିଦ୍ୟାଦାୟିନୀ ମା'ସରସ୍ୱତୀଙ୍କୁ ଭକ୍ତିରେ ପୂଜା କଲେ ମହାମୂର୍ଖ ବି ପଣ୍ଡିତ ହୋଇପାରେ। ପୌରାଣିକ ମତରେ ଦେବୀଙ୍କ କୃପା ପ୍ରାପ୍ତ କରି କାଳୀଦାସଙ୍କ ଭଳି ମହାମୂର୍ଖ ବି ମହାପଣ୍ଡିତ ହୋଇପାରିଥିଲେ । ତେଣୁ ଏହି ଶ୍ରୀପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କୁ ଭକ୍ତିରେ ଆରାଧନା କରି ସଭିଏଁ ତାଙ୍କର କୃପା ପ୍ରାପ୍ତ ହେବା ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଫେବୃଆରୀ ୨୦୨୪ ବୁଧବାର

# ଆଭା

# ବ୍ରାହ୍ମମୁହୂର୍ତ୍ତ ହେଉଛି ସରସ୍ୱତୀ କଣ୍ଠରେ ବସିବାର ଶୁଭ ସମୟ

ବୟୋଜ୍ୟେଷ୍ଠମାନେ କହିଛନ୍ତି ଯେ, ଚବିଶି ଘଣ୍ଟା ମଧ୍ୟରେ ମାଆ ସରସ୍ୱତୀ ଥରେ ମଣିଷମାନଙ୍କ କଣ୍ଠରେ ବସିଥାନ୍ତି। ଏଥିପାଇଁ ମୁହଁରୁ ପ୍ରତ୍ୟେକ ଶବ୍ଦ ଭାବିଚିନ୍ତି ବାହାର କରିବା ଆବଶ୍ୟକ । ଆମେ ସମସ୍ତେ ଅନୁଭବ କରିଥିବା ଯେ, ବେଳେବେଳେ ଆମ ପାଟିରୁ ଯାହା ବାହାରିଥାଏ ତାହା ସତ ହୋଇଯାଏ । ସେତେବେଳେ କୁହାଯାଏ ଯେ, କଣ୍ଠରେ ସରସ୍ୱତୀ ବସିଛନ୍ତି । ତେବେ ଶାସ୍ତ୍ରରେ କୁହାଯାଇଛି ଯେ, ବ୍ରାହ୍ମ ମୁହୂର୍ତ୍ତ ହେଉଛି ମାଆ ସରସ୍ୱତୀ କଣ୍ଠରେ ବସିବାର ଶୁଭ ସମୟ । ଏହି ସମୟରେ କିଛି ମିନିଟ ଶୁଭ ହୋଇଥାଏ । ଯେତେବେଳେ ମାଆ ସରସ୍ୱତୀ ମଣିଷମାନଙ୍କ କଣ୍ଠରେ ବସିଥାଆନ୍ତି । ଏହି ସମୟ ଯେଉଁ କଥା କୁହାଯାଏ ତାହା ସତ ହୋଇଯାଏ । ବଡ଼ ଲୋକେ କହିଛନ୍ତି ଯେ, ଭୋର ୩ଟା ୨୦ମିନିଟରୁ ୩ଟା ୪୦ ମିନିଟ ପର୍ଯ୍ୟନ୍ତ ସମୟରେ ନିଜ ମନସ୍କାମନାକୁ ସର୍ବଦା ଦୋହରାଇବା ଆବଶ୍ୟକ । ୨୦ ମିନିଟ ପର୍ଯ୍ୟନ୍ତ ସମୟ ଏପରି ହୋଇଥାଏ। ଯେତେବେଳେ ମାଆ ସରସ୍ୱତୀ କଣ୍ଠରେ ବସିଥାଆନ୍ତି, ସେହି ସମୟରେ ମୁହଁରୁ କଠୋର କଥା ଏବଂ ଅଶ୍ଳୀଳ ଭାଷା ବାହାରିବା ଆବଶ୍ୟକ ନୁହେଁ । ଏହି ସମୟରେ ଆପଣ ଯାହା କହୁଥିବେ ତାହା ଅନ୍ୟମାନଙ୍କ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ସେଥିପାଇଁ ପ୍ରଥମେ ଭାବନ୍ତୁ ଏବଂ ପରେ କଥା ହୁଅନ୍ତୁ। କାରଣ ସରସ୍ୱତୀ କେବେ ଆପଣଙ୍କ କଣ୍ଠରେ ଥାଇପାରନ୍ତି ତାହା କିଏ ଜାଣିଛି। ଏହି ସମୟରେ, ଏପରି କୌଣସି ଶବ୍ଦ ଆପଣଙ୍କ ପାଟିରୁ ବାହାରିବା ଉଚିତ୍ ନୁହେଁ ଯାହା କାହା ପାଇଁ କ୍ଷତିକାରକ। ସେଥିପାଇଁ କହିବା ପୂର୍ବରୁ ଭାବିବା ଏବଂ ବୁଝିବା ସର୍ବଦା ଗୁରୁତ୍ୱପୂର୍ଣ୍ଣ। କେବଳ ସେହି ଲୋକମାନେ ମାଆ ସରସ୍ୱତୀଙ୍କ ଆଶୀର୍ବାଦ ପାଆନ୍ତି, ଯେଉଁମାନେ ସେମାନଙ୍କର ଭାଷାକୁ ନିୟନ୍ତ୍ରଣ କରନ୍ତି ଏବଂ ସେମାନଙ୍କ ବକ୍ତବ୍ୟରେ ଅନ୍ୟର କ୍ଷତି ଚାହାନ୍ତି ନାହିଁ।



"ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶୁଭ୍ର ବସ୍ତ୍ରାବୃତା
ଯା ବୀଣାବରଦଣ୍ଡମଣ୍ଡିତକରା ଯା ଶ୍ୱେତପଦ୍ମାସନା ।
ଯା ବ୍ରହ୍ମାଚ୍ୟୁତ ଶଂକର ପ୍ରଭୃତିଭି ଦେବୈ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷଜାଡ୍ୟାପହା ।।"

# ଟନସିଲାଇଟିସର ଗଳା କର୍କଟ ରୋଗର ରୂପ ନେଇପାରେ

**ଟନସିଲାଇଟିସର ଲକ୍ଷଣ ଜାଣିବା ଆବଶ୍ୟକ**

ଟନସିଲାଇଟିସ ବା ଟନସିଲ ରୋଗ ଟନସିଲରେ ଆରମ୍ଭ ହେଉଥିବା ଏକ ପ୍ରକାର ଦୃତ ଗତିର ପ୍ରଦାହକୁ ବୁଝାଏ । ଏହା ଏକ ପ୍ରକାର ଫାରିଞ୍ଜାଇଟିସ ରୋଗ । ଏଥିରେ ତଣ୍ଟି ଦରଜ, ଜ୍ୱର, ଟନସିଲର ବଡ଼ ଆକାର ହୁଏ, ଗିଳିବାରେ ସମସ୍ୟା ହୁଏ ଓ ଲସିକା ଗ୍ରନ୍ଥି ବଢ଼ିଯାଏ ।ରୋଗ ଜଟିଳ ହେଲେ ପେରିଟନସିଲାର ଆବସେସ ରୋଗ ହୁଏ । ଟନସିଲାଇଟିସ ରୋଗ ସାଧାରଣତଃ ଏକ ଭୁତାଣୁ ଜନିତ ସଂକ୍ରମଣ, ମାତ୍ର ୫ର-୪୦% କେଶ୍‌ରେ ଜୀବାଣୁ ସଂକ୍ରମଣ ଯୋଗୁ ହୁଏ । ଗ୍ରୁପ ଏ ଷ୍ଟ୍ରେପଟୋକୋକସ ଜୀବାଣୁ ଯୋଗୁ ଏହି ରୋଗ ହେଲେ ତାହାକୁ ସ୍ଟ୍ରେପଥ୍ରୋଟ କୁହାଯାଏ । କ୍ୱଚିତ କେତେକ କେଶ୍‌ରେ ଅନ୍ୟ ଜୀବାଣୁ ଯେପରିକି ନାଇସେରିଆ ଗନୋରିଆ, କୋରିନୋବ୍ୟାକ୍ଟେରିଅମ ଡିଫଥେରି ବା ହେମୋଫାଇଲସ ଇନଫ୍ଲୁଏଞ୍ଜି ଯୋଗୁ ହୁଏ । ବାୟୁ ମାଧ୍ୟମରେ ଏହି ସଂକ୍ରମଣ ମଣିଷରୁ ମଣିଷକୁ ବ୍ୟାପିଯାଏ । ସେଣ୍ଟର ସ୍କୋର ନାମକ ସ୍କୋରିଙ୍ଗ ସିଷ୍ଟମ ସାହାଯ୍ୟରେ କାରଣମାନଙ୍କୁ ପୃଥକ କରାଯାଏ । ଥ୍ରୋଟ ସ୍ୱାବ ବା ରାପିଡ ସଟ୍ରେପ ଟେଷ୍ଟ ସାହାଯ୍ୟରେ ଏହି ରୋଗ ନିର୍ଧାର୍ଯ୍ୟ କରାଯାଏ । ଯଦି ଆପଣଙ୍କର ଗଳା ଯନ୍ତ୍ରଣା ହେଉଛି, ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ । ଏହା ଟନସିଲାଇଟିସର ଏକ ସଙ୍କେତ ହୋଇପାରେ । ଟନସିଲାଇଟିସ ହେଉଛି ଏକ ପ୍ରକାର ସଂକ୍ରମଣ, ଯାହା ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଦ୍ୱାରା କିମ୍ବା ପରିଷ୍କାର ପରିଚ୍ଛନ୍ନତାର ଅଭାବ ହେତୁ ହୋଇପାରେ । ସାଧାରଣ ଥଣ୍ଡା-କାଶ କିମ୍ବା ସର୍ଦ୍ଦି ହେଲେ ଏହାକୁ ଅଣଦେଖା କରିବା ପରିବର୍ତ୍ତେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ୍ । ଯଦି ଔଷଧ ଦ୍ୱାରା ଏହା ଭଲ ହେଉନାହିଁ ଓ ଯନ୍ତ୍ରଣା ଦୀର୍ଘ ସମୟ ପର୍ଯ୍ୟନ୍ତ ରହୁଛି, ତେବେ ଏହା ଗଳାରେ କର୍କଟ ରୋଗର ରୂପ ନେଇପାରେ । ଏପରି ପରିସ୍ଥିତିରେ, ଟନସିଲାଇଟିସ ପ୍ରତି ସାବଧାନ ରହିବା ଉଚିତ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, ଟନସିଲ୍ ଗଳାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଯାହା ଗଳାର ଉଭୟ ପାର୍ଶ୍ୱରେ ଥାଏ । ଶରୀରକୁ ବାହ୍ୟ ସଂକ୍ରମଣରୁ ରକ୍ଷା କରିବା ଟନସିଲର ମୁଖ୍ୟ କାମ । ଅର୍ଥାତ୍ ଟନସିଲ୍ ଶରୀରରେ ଜୀବାଣୁ ପ୍ରବେଶ କରିବାରୁ ରୋକିଥାଏ । ଯଦି ଟନସିଲରେ କୌଣସି ପ୍ରକାରର ସଂକ୍ରମଣ ହୁଏ, ତେବେ ଟନସିଲ ବଢ଼ିବା ଆରମ୍ଭ ହୁଏ । ଏହାକୁ ଟନସିଲାଇଟିସ କୁହାଯାଏ । ଫଳରେ ପୀଡିତଙ୍କୁ ଗଳାରେ ଯନ୍ତ୍ରଣା ହୁଏ ଓ କଥା ହେବାରେ ଅସୁବିଧା ଅନୁଭବ ହୁଏ । ଟନସିଲାଇଟିସ ଦ୍ୱାରା ପିଲାମାନେ ଅଧିକ ପ୍ରଭାବିତ ହୁଅନ୍ତି ।

## ଉପଚାର

ଆବଶ୍ୟକ ପରିମାଣରେ ବିଶ୍ରାମ ନିଅନ୍ତୁ । ଯଦି ସମ୍ଭବ ହେଉଛି, ବାହାରକୁ ନଯାଇ ଘରେ ରୁହନ୍ତୁ। ଅଧିକରୁ ଅଧିକ ପାଣି ପିଅନ୍ତୁ । ଲୁଣ ପାଣିରେ ଗାର୍ଗଲିଂ କରନ୍ତୁ । ଉଷୁମ ପାଣିରେ ମହୁ ମିଶାଇ ସେବନ କରିବା ଦ୍ୱାରା ଟନସିଲାଇଟିସରୁ ଆରାମ ମିଳିଥାଏ । ଅଦା ପାଣିରେ ମଧ୍ୟ ଗାର୍ଗଲିଂ କରିପାରିବେ । ଫିଟିକିରି ଗୁଣ୍ଡକୁ ପାଣିରେ ଫୁଟାଇ ଗାର୍ଗଲିଂ କରିବା ଦ୍ୱାରା ଗଳା ସଂକ୍ରମଣ ଭଲ ହୁଏ । ଧୂମପାନଠୁ ଦୂରେଇ ରୁହନ୍ତୁ । ହାତ ସବୁବେଳେ ସଫା ରଖନ୍ତୁ ।

## କାରଣ

ଟନସିଲାଇଟିସର କାରଣ ପାଟିର ମଇଳା ଓ ଅସ୍ୱାସ୍ଥ୍ୟକର ଖାଦ୍ୟ । ଏହା ବ୍ୟତୀତ ଷ୍ଟ୍ରେପଟୋକୋକାଲ ବ୍ୟାକ୍ଟେରିଆ ସଂକ୍ରମିତ ବ୍ୟକ୍ତିଙ୍କ ଛିଙ୍କ ଏବଂ କାଶ ଦ୍ୱାରା ଏହା ବ୍ୟାପିଥାଏ। ଜଣେ ସୁସ୍ଥ ବ୍ୟକ୍ତି ସଂକ୍ରମିତ ବ୍ୟକ୍ତିଙ୍କ ଛିଙ୍କ ଏବଂ କାଶ ସଂସ୍ପର୍ଶରେ ଆସିଲେ ସେ ମଧ୍ୟ ସଂକ୍ରମିତ ହୁଅନ୍ତି । ଅଇଁଠା ଖାଦ୍ୟ ଓ ପାନୀୟ ଦ୍ୱାରା ମଧ୍ୟ ଏହା ସଂକ୍ରମିତ ହୁଏ ।




**ଲକ୍ଷଣ :-**

ଏହା ହେଲେ ତଣ୍ଟି ଦରଜ ହୁଏ ଓ ଫୁଲିଯାଏ
ଜ୍ୱର ହୁଏ
ଟନସିଲର ଆକାର ବଡ଼ ହୁଏ
ଗିଳିବାରେ ସମସ୍ୟା ହୁଏ
ଦୁର୍ବଳତା, ଥକ୍କାପଣ ଏବଂ ଉତ୍ତେଜନା ଅନୁଭବ ହୁଏ
ଲସିକା ଗ୍ରନ୍ଥି ବଢ଼ିଯାଏ
ଛୋଟ ପିଲାମାନଙ୍କ ଶ୍ୱାସ ନେବାରେ ଅସୁବିଧା
ରୋଗ ଜଟିଳ ହେଲେ ପେରିଟନସିଲାର ଆବସେସ ରୋଗ ହୁଏ

# ମାନସିକ ରୋଗ ଲୁଚାଉଛନ୍ତି ଭାରତୀୟ

ବିଭିନ୍ନ ପ୍ରକାର ରୋଗର ଉପଶମ ପାଇଁ ଆମେ ରୋଗର ଲକ୍ଷଣ ବାବଦରେ ପ୍ରକାଶ କରିଥା'ନ୍ତି। କାରଣ ସେ ସମ୍ପର୍କରେ ସବିଶେଷ ବିବରଣୀ ଜାଣିଲା ପରେ ହିଁ ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ ତଦନୁଯାୟୀ ଉପଚାର ପରାମର୍ଶ କରିଥା'ନ୍ତି। ମାତ୍ର ମାନସିକ ରୋଗ ଏପରି ଏକ ସମସ୍ୟା, ଯାହା ବିଷୟରେ ପୀଡ଼ିତମାନେ ଅନ୍ୟ ଆଗରେ କ୍ୱଚିତ୍ ପ୍ରକାଶ କରିଥାନ୍ତି। ଆମ ଦେଶରେ ପ୍ରାୟ ଏକ ପ୍ରତିଶତରୁ କମ୍ ମାନସିକ ରୋଗୀ ସେମାନଙ୍କ ଅବସ୍ଥା ସମ୍ପର୍କରେ ବାହାରେ ମୁହଁଖୋଲି କହିଥା'ନ୍ତି ବୋଲି ଯୋଧପୁର ଆଇଆଇଟିର ଗବେଷକମାନେ ଜାଣିପାରିଛନ୍ତି। ପୀଡ଼ିତମାନେ ନିଜର ମାନସିକ ଅସ୍ୱାଭାବିକତାକୁ ଗୋପନ ରଖିବା



ପଛରେ ମୁଖ୍ୟତଃ ସାମାଜିକ କଳଙ୍କ ବା ଟାହିଟାପରା ଦାୟୀ ବୋଲି ଜଣାଯାଇଛି। ଏଥିପାଇଁ ଅନୁଷ୍ଠିତ ଏକ ଅନୁଧ୍ୟାନରେ ୮, ୭୭ଟି ଗାଁ ଓ ୬,୧୮୧ଟି ସହରାଞ୍ଚଳର ୫,୫୫,୧୧୫ ଜଣ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ଭିତରୁ ୩୭୪ ଜଣ ଡାକ୍ତରଖାନା ଅଧୀନରେ ଥିବା ବେଳେ ୨୮୩ ଜଣ ଡାକ୍ତରଖାନା ବାହାର ରୋଗୀ ଥିଲେ। ଏହି ଅନୁଧ୍ୟାନରୁ ମିଳିଥିବା ଆଉ ଏକ ବିଶେଷ ଫଳାଫଳ ହେଲା, ନିମ୍ନ ଆୟବର୍ଗଙ୍କ ତୁଳନାରେ ଉଚ୍ଚ ଆୟବର୍ଗମାନେ ୧.୭୩ ଗୁଣା ଅଧିକ ମାନସିକ ରୋଗରେ ପୀଡ଼ିତ। ସେହିପରି ସୀମିତ ସ୍ୱାସ୍ଥ୍ୟବୀମା ପରିସର ଯୋଗୁଁ ମାତ୍ର ୨୩ ପ୍ରତିଶତ ମାନସିକ ରୋଗୀ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥା'ନ୍ତି। ଏଥି ସହିତ ଚିକିତ୍ସା କଥା ବିଚାରକୁ ନେଲେ ସରକାରୀ ହାସପାତାଳ ତୁଳନାରେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଅଧିକ ବ୍ୟୟସାପେକ୍ଷ ବୋଲି ମଧ୍ୟ ଜଣାଯାଇଛି।

# ମହିଳାଙ୍କୁ ସବୁଠୁ ଅଧିକ ଭୟ ଫାଇଲେରିଆ ମଶା

ଧାନବାଦରେ ୨୬.୫୩ ଲକ୍ଷ ଲୋକଙ୍କୁ ଫାଇଲେରିଆ ମୁକ୍ତ ଅଭିଯାନରେ ଔଷଧ ଖୁଆଇବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଫେବୃଆରୀ ୧୦ ତାରିଖରୁ ଆରମ୍ଭ ହୋଇଥିବା ମାସ୍ ଡ୍ରଗ୍ ଆଡମିନିଷ୍ଟ୍ରେସନ ଅଧୀନରେ ଘରେ ଘରେ ଔଷଧ ବିତରଣ କରାଯାଉଛି । ସ୍ୱାସ୍ଥ୍ୟ ବିଭାଗର ଯାଞ୍ଚରୁ ଆଶ୍ଚର୍ଯ୍ୟଜନକ ମାମଲା ସାମନାକୁ ଆସିଛି । ତେବେ ଏଥିରେ ସବୁଠାରୁ ଅଧିକ ରୋଗୀ ମହିଳା ରହିଛନ୍ତି । ସେହିପରି ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଦେହରେ ଫାଇଲେରିଆ ମାମଲା କମ୍ ଚିହ୍ନଟ ହୋଇଛି ।

ବିଭାଗ ଅନୁସାରେ, ମହିଳା ସାଧାରଣତଃ ଘରେ ରହିଥାନ୍ତି ଏବଂ ସେମାନଙ୍କ ଦେହରେ ଗତିଶୀଳତା କମ୍ ହୋଇଥାଏ । ତେଣୁ ସେମାନେ ଫାଇଲେରିଆ ମଶା ସହ ଅଧିକ ସଂସ୍ପର୍ଶରେ ଆସିଥାନ୍ତି । ଫାଇଲେରିଆ ମଶା ବିଶେଷ କରି ଘରେ ହିଁ ଦେଖାଯାଇଥାନ୍ତି । ମ୍ୟାଲେରିଆ ପରାମର୍ଶଦାତା ରମେଶ କୁମାର ସିଂ କହିଛନ୍ତି ଯେ ଅଧିକାଂଶ ମହିଳା ରୋଗୀ ସ୍କ୍ରିନିଂ ପରୀକ୍ଷାରେ ଆଗକୁ ଆସୁଛନ୍ତି। ଏଭଳି ପରିସ୍ଥିତିରେ ଲୋକଙ୍କୁ ଫାଇଲେରିଆ ମଶା ବିଷୟରେ ଅବଗତ କରାଯାଉଛି। ଜିଲ୍ଲା ମ୍ୟାଲେରିଆ ବିଭାଗ ଅନୁଯାୟୀ ଧାନବାଦରେ ୭୩୦୦ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏଥିରେ ପ୍ରାୟ ୪୦୦୦ ମହିଳା ରୋଗୀ ଚିହ୍ନଟ ହୋଇଛନ୍ତି । ଫାଇଲେରିଆ ଯୋଗୁଁ, ୨୫ ରୁ ଅଧିକ ମହିଳାଙ୍କୁ ବ୍ରେଷ୍ଟ ଫାଇଲେରିଆରେ ପୀଡ଼ିତ ଅଛନ୍ତି। ଏହାର ପରୀକ୍ଷା ପାଇଁ ସମସ୍ତ ସୁବିଧା ସରକାରୀ ଡାକ୍ତରଖାନା ଗୁଡ଼ିକରେ ଯୋଗାଇ ଦିଆଯାଇଛି।

ରମେଶ କୁମାର କହିଛନ୍ତି ଯେ, ମହିଳା ଫାଇଲେରିଆ କୁଲେକ୍ସ ମଶା କାମୁଡ଼ିବା ଦ୍ୱାରା ଫାଇଲେରିଆ ବ୍ୟାପିଥାଏ। ଏହି ମଶାମାନେ ଡ୍ରେନ ଭଳି ବିଭିନ୍ନ ମଇଳା ପାଣି ରହି ପ୍ରଜନନ କରିଥାନ୍ତି । ବିଭାଗ ଅନୁଯାୟୀ, ତେବେ ଧାନବାଦରେ ୪୦ ହଜାରରୁ ଅଧିକ ଲୋକ ଫାଇଲେରିଆ ସଂକ୍ରମଣରେ ପୀଡ଼ିତ ହୋଇଛନ୍ତି । ମହିଳାମାନଙ୍କ ମଧ୍ୟରେ ଅଧିକାଂଶ ଫାଇଲେରିଆ ରୋଗ ଦେଖାଯାଏ । ଏଭଳି ପରିସ୍ଥିତିରେ ଚାରିପାଖରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସମସ୍ତଙ୍କୁ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

# କଳାଜାଇରୁ ଜାଣନ୍ତୁ ବ୍ୟକ୍ତିତ୍ୱ

**ନାକରେ ଥିଲେ ଭାଗ୍ୟଶାଳୀ**

କଳାଜାଇ କେବଳ ଏକ ବ୍ୟୁଟି ସ୍ପଟ୍ ନୁହେଁ ଏଥିରୁ ବି ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ବିଷୟରେ ଅନେକ କଥା ଜାଣିହୁଏ। ଯେମିତିକି ଯଦି କାହାର ନାକରେ କଳାଜାଇ ଥାଏ, ସିଏ ଭାଗ୍ୟଶାଳୀ ହେବା ସହ ଜୀବନରେ ଖୁବ୍ ଉନ୍ନତି କରିଥାନ୍ତି। କଷ୍ଟ କରି ସଫଳତା ପାଇବାରେ ତାଙ୍କର ବିଶ୍ୱାସ ରହିଥାଏ। ସମସ୍ତେ ତାଙ୍କୁ ଖୁବ୍ ଭଲ ପାଇଥାନ୍ତି। ଯେଉଁ ବ୍ୟକ୍ତିଙ୍କ ତାଲୁ ଉପରେ କଳାଜାଇ ଥାଏ ସେ ପୁରୁଷ ହୁଅନ୍ତୁ ଅବା ମହିଳା, ଧନବାନ୍ ଓ ପ୍ରତିଷ୍ଠିତ ହେବା ସହ ଜୀବନରେ ଖୁବ୍ ଲୋକପ୍ରିୟତା ହାସଲ କରିଥାନ୍ତି। କିନ୍ତୁ ତାଲୁକୁ ଛାଡ଼ି ମୁଣ୍ଡର ଅନ୍ୟ କେଉଁ ସ୍ଥାନ ଯେପରିକି ପଛପଟ ଅଥବା ମଥାର ଡାହାଣ ପଟେ କଳାଜାଇ ରହିବା ସେତେଟା ଶୁଭଫଳ ଦେଇ ନଥାଏ। ଏହି ସ୍ଥାନରେ କଳାଜାଇ ଥିବା ବ୍ୟକ୍ତିଙ୍କ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥାଏ ବୋଲି କୁହାଯାଏ। କାନ ଉପରେ କଳାଜାଇ ରହିବା ବୁଦ୍ଧିମାନ ତଥା ଚତୁରତାର ସଙ୍କେତ ଦେଇଥାଏ। ଯେଉଁମାନଙ୍କର ଏମିତି ଥାଏ ସେମାନେ ନିଜ ବୁଦ୍ଧି ବଳରେ ଖୁବ୍ ଟଙ୍କା ଅର୍ଜନ କରିଥାନ୍ତି। ସେହିପରି ଖର୍ଚ୍ଚ ବି ଖୁବ୍ କରନ୍ତି। ମୁହଁର ବାମପଟେ କଳାଜାଇ ରହିବା ସେତେ ଶୁଭ ହୋଇ ନଥାଏ। ହେଲେ ମୁହଁର ଡାହାଣ ପଟେ କିମ୍ବା ମଝି ଭାଗରେ କଳାଜାଇ କାନ ଉପରେ ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି। ସେହିପରି ଯାହାଙ୍କର ଡାହାଣ ପଟ ପତା ଉପରେ କଳାଜାଇ ଥାଏ, ସେ ଧାର୍ମିକ ସ୍ୱଭାବର ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ।



# ଗୋଡରେ ନୀଳ ଶିରା ଦେଖାଯିବା ଗମ୍ଭୀର ରୋଗର ଲକ୍ଷଣ

ଶରୀରରେ ସ୍ନାୟୁଗୁଡ଼ିକର ନିଜସ୍ୱ ଗୁରୁତ୍ୱ ଥାଏ । ଆପଣ ନିଶ୍ଚିତ ଭାବରେ ଗୋଡ ଏବଂ ହାତରେ ବିଭିନ୍ନ ପ୍ରକାରର ଶିରାର ରଙ୍ଗ ଦେଖିଥିବେ । ଆସନ୍ତୁ ଆପଣଙ୍କୁ କହିବା ଯେ ଯଦି କାହାର ଗୋଡରେ ଅନେକ ନୀଳ ଶିରା ଦେଖାଯାଏ, ତେବେ ଏହା ଏକ ଗୁରୁତର ରୋଗର ଲକ୍ଷଣ ହୋଇପାରେ।

ନୀଳ ଶିରା ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସଙ୍କେତ ହୋଇପାରେ

ଅନେକ ଲୋକଙ୍କ ଚର୍ମ ବହୁତ ପତଳା, ଯେଉଁ କାରଣରୁ ଶିରା ସହଜରେ ଦେଖାଯାଏ । ଅନେକ ଅଛନ୍ତି ଯେଉଁମାନେ ଡାଏଟ୍ ଅନୁସରଣ କରନ୍ତି ଏବଂ ସେମାନଙ୍କ ହାତରେ ଶିରା ଦେଖିବା ପାଇଁ ବ୍ୟାୟାମ କରନ୍ତି । କିଛି ଲୋକ ଅଛନ୍ତି ଯେଉଁମାନେ କିଛି ନକରି ମଧ୍ୟ ତାଙ୍କର ଅନେକ ଶିରା ଦେଖାଯାଏ। ଏହି ଶିରା ହୃଦୟ, ଛାତି, ଗୋଡ ଏବଂ ପିଠି ମାଂସପେଶୀରେ ମଧ୍ୟ ରହିପାରେ । ଯଦି କାହାର ଗୋଡରେ ଅନେକ ନୀଳ ଶିରା ଦୃଶ୍ୟମାନ ହୁଏ, ତେବେ ଏହା ଏକ ଗୁରୁତର ରୋଗର ପ୍ରାରମ୍ଭିକ ସଙ୍କେତ ହୋଇପାରେ । ନୀଳ ଶିରାକୁ 'ଭାରିକୋଜ୍ ଶିରା' କୁହାଯାଏ । ଆସନ୍ତୁ ଜାଣିବା ଭାରିକୋଜ୍ ଶିରା କ'ଣ?

**ଭାରିକୋଜ୍ ଶିରା**

ହାତ, ପାଦ, ଗୋଇଠି, ଗୋଡ ଏବଂ ଆଙ୍ଗୁଠିରେ ଭାରିକୋଜ୍ ଶିରା ଦେଖାଯାଏ । ଏହି ଶିରା ଫୁଲି ଏବଂ ମୋଡ଼ି ହୋଇ ଦେଖାଯାଏ । ଯାହା ନୀଳ କିମ୍ବା ବାଇଗଣୀ ରୂପରେ ଦେଖାଯାଏ । ଏହା ଉପରକୁ ଫୁଟି ଦେଖାଯାଏ । ଏହି ଶିରା ଚାରିପାଖରେ ସ୍ପାଇଡର ଶିରା ଅଛି। ଶିରା ପ୍ରାୟତଃ ଲାଲ ଏବଂ ବାଇଗଣୀ ରଙ୍ଗର ଏବଂ ପତଳା ।

ଯେତେବେଳେ ସ୍ପାଇଡର ଶିରା ଭାରିକୋଜ୍ ଶିରକୁ ଘେରିଯାଏ, ସେମାନେ ଯନ୍ତ୍ରଣା ଏବଂ କୁଞ୍ଚନ ସୃଷ୍ଟି କରିବା ଆରମ୍ଭ କରନ୍ତି । ଭାରିକୋଜ୍ ଶିରା ଲୋକମାନଙ୍କ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ । କିନ୍ତୁ କେତେକ କ୍ଷେତ୍ରରେ ଏହି ସମସ୍ୟା ଅତ୍ୟନ୍ତ ଗମ୍ଭୀର ହୋଇପାରେ ।

ଭାରିକୋଜ୍ ଶିରା ଦେଖାଯିବାର ଅନେକ କାରଣ ଥାଇପାରେ?

ଯେତେବେଳେ ଜଣେ ବ୍ୟକ୍ତିର ରକ୍ତଚାପ ବଢ଼େ, ଭାରିକୋଜ୍ ଶିରା ଦେଖାଯାଏ । ବିପି ବୃଦ୍ଧି ହେତୁ ଶିରାରେ ଚାପ ଏବଂ ପ୍ରେସର ବଢ଼ିଯାଏ।

ହରମୋନ୍ ଅସନ୍ତୁଳନ ହେତୁ ଗୋଡରେ ନୀଳ ଶିରା ଦେଖାଯିବା ଆରମ୍ଭ କରେ ।

ବୟସ ବଢ଼ିବା ହେତୁ ଗୋଡରେ ନୀଳ ଶିରା ମଧ୍ୟ ଦେଖାଯାଏ ।

ଯଦି ତୁମେ ଅଧିକ ଓଜନିଆ ଏବଂ ଦୀର୍ଘ ଦିନ ଧରି ଗୋଟିଏ ସ୍ଥାନରେ ଛିଡା ହୋଇଛ । ତେଣୁ ଏହି ପରିସ୍ଥିତିରେ ଗୋଡରେ ଶିରା ଦୃଶ୍ୟମାନ ହୁଏ।



# ଜିମ୍‌ରେ ୱାର୍କଆଉଟ୍ କରିବା ବେଳେ ଜାଣନ୍ତୁ କିଛି ଟିପ୍ସ ନଚେତ୍ ବଢ଼ିପାରେ ସମସ୍ୟା



ଆଜିର ସମୟରେ ଅଧିକାଂଶ ଲୋକ ନିଜକୁ ଫିଟ୍ ରଖିବା ପାଇଁ ଜିମ୍ ଯାଉଛନ୍ତି। ସାମ୍ପ୍ରତିକ ସମୟରେ ଜିମର ଟ୍ରେଣ୍ଡ ବହୁତ ବୃଦ୍ଧି ପାଇଛି। ଜିମ୍ ଯିବା କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ଲାଭଦାୟକ ଅଟେ । ତେବେ ଜିମ୍ ଯିବାବେଳେ ଅନେକ ଜିନିଷକୁ ଧ୍ୟାନରେ ରଖିବା ଉଚିତ୍। ଯେଉଁମାନେ ପ୍ରାୟତଃ ଜିମ୍ ଯାଆନ୍ତି ସେମାନେ ୫ଟି ସାଧାରଣ ଭୁଲ କରନ୍ତି । ଯାହା କ୍ଷତିକାରକ ହୋଇପାରେ। ଏହା ଚର୍ମ ସଂକ୍ରମଣ କିମ୍ବା ଅନ୍ୟାନ୍ୟ ସମସ୍ୟା ସୃଷ୍ଟି କରିପାରେ। ଏପରି ପରିସ୍ଥିତିରେ, ଆସନ୍ତୁ ଜାଣିବା ଜିମ୍ ଯିବାବେଳେ କେଉଁ ଜିନିଷକୁ ଧ୍ୟାନରେ ରଖିବା ଉଚିତ୍।

୧- ଜିମ୍ ଯାତ୍ରୀମାନେ ସେମାନଙ୍କ ମୁହଁରେ ମେକଅପ୍ ପ୍ରୟୋଗ କରିବା ଠାରୁ ଦୂରେଇ ରହିବା ଉଚିତ୍। ଏହି ଅଭ୍ୟାସ ତ୍ୱଚା ପାଇଁ କ୍ଷତିକାରକ ହୋଇପାରେ, କାରଣ ବ୍ୟାୟାମ ସମୟରେ ଚର୍ମରୁ ନିର୍ଗତ ଝାଳ ଚର୍ମର ଖାଲରୁ ସଠିକ ଭାବରେ ବାହାରକୁ ବାହାରି ପାରିବ ନାହିଁ ଏବଂ ପରେ ବ୍ରଣ କିମ୍ବା ଚର୍ମ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରେ।

୨. ଡିଓଡୋରାଣ୍ଟ- ଯଦି ଆପଣ ଜିମ୍ ଯିବାବେଳେ ଡିଓଡୋରାଣ୍ଟ ବ୍ୟବହାର କରୁଛନ୍ତି, ତେବେ ଆଜିଠାରୁ ଏହାକୁ ବ୍ୟବହାର ବନ୍ଦ କରନ୍ତୁ, କାରଣ ଏହା ଚର୍ମର ଖାଲକୁ ଅବରୋଧ କରିପାରେ ଏବଂ ଅବାଞ୍ଛିତ ଉପାଦାନଗୁଡିକ ଝାଳରୁ ବାହାରକୁ ରୋକିପାରେ।

୩. କେଶକୁ ଜୋରରେ ବାନ୍ଧିବା- ବ୍ୟାୟାମ ସମୟରେ, ଯଦି କେଶକୁ ଅତି ଜୋରରେ ବାନ୍ଧନ୍ତି, ତେବେ ଏହା ବ୍ୟାୟାମ କରିବାରେ ଅସୁବିଧା ସୃଷ୍ଟି କରିପାରେ। ଏହା ବ୍ୟତୀତ ଅତ୍ୟଧିକ ଷ୍ଟ୍ରେଚ କରିବା ଦ୍ୱାରା କେଶ ଦୁର୍ବଳ ହୋଇପାରେ । ତେଣୁ, କେଶ ବାନ୍ଧିବା ପାଇଁ କେବଳ ଏକ କୋମଳ ରବର ବ୍ୟାଣ୍ଡ ବ୍ୟବହାର କରନ୍ତୁ ।

୪. କେଶ ଖୋଲା ରଖିବା- ଯଦି ଆପଣ ନିଜ କେଶକୁ ଖୋଲା କରି ବ୍ୟାୟାମ କରୁଛନ୍ତି, ତେବେ ଧ୍ୟାନ ରଖନ୍ତୁ ଯେ କେଶ ମୁଖର ଚର୍ମକୁ ସ୍ପର୍ଶ ଯେପରି ନ କରେ, ନଚେତ୍ ଚର୍ମ ଜୀବାଣୁ ସହିତ ସିଧାସଳଖ ସଂସ୍ପର୍ଶରେ ଆସିବ।

୫. ମୁହଁକୁ ବାରମ୍ବାର ଛୁଇଁବ- ୱାର୍କ ଆଉଟ୍ କରିବା ସମୟରେ ବାରମ୍ବାର ମୁହଁକୁ ଛୁଇଁବା କିମ୍ବା ଚର୍ମ ଉପରେ ହାତ ଘଷିବା ଦ୍ୱାରା ଚର୍ମ ପାଇଁ ବହୁତ କ୍ଷତି ହୋଇପାରେ । ୱାର୍କଆଉଟ ମେଶିନ ଛୁଇଁଥିବା ହାତରେ ଅନେକ ବ୍ୟାକ୍ଟେରିଆ ଥାଏ, ଯାହା ଆପଣଙ୍କ ତ୍ୱଚା ସଂସ୍ପର୍ଶରେ ଆସିବା ପରେ ବ୍ରଣ କିମ୍ବା ଅନ୍ୟାନ୍ୟ ସମସ୍ୟା ସୃଷ୍ଟି କରିପାରେ।

# ଆଖିବୁଜିଲେ ଭାରତର ସବୁଠୁ ବୟୋଜ୍ୟେଷ୍ଠ କ୍ରିକେଟର



**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ ଅଧିନାୟକ ତଥା ଦେଶର ସବୁଠୁ ବୟୋଜ୍ୟେଷ୍ଠ କ୍ରିକେଟର ଦତ୍ତାଜିରାଓ ଗାଇକ୍ୱାଡ଼ ଦୁନିଆରୁ ବିଦାୟ ନେଇଛନ୍ତି। ବୟସ ସମ୍ବନ୍ଧୀୟ ରୋଗ ହେତୁ ମଙ୍ଗଳବାର ତାଙ୍କର ଦେହାନ୍ତ ହୋଇଛି। ଦତ୍ତାଜିରାଓ ଗାଇକ୍ୱାଡ଼ ୧୯୫୨ରେ ଲିଡ଼ସରେ ଇଂଲଣ୍ଡ ବିପକ୍ଷରେ ଡେବ୍ୟୁ କରିଥିଲେ। ଏବଂ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ୧୯୬୧ରେ ଚେନ୍ନାଇରେ ପାକିସ୍ତାନ ବିପକ୍ଷରେ ହୋଇଥିଲା। ସେ ପୂର୍ବତନ ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ ତଥା ଜାତୀୟ କୋଚ୍ ଅଂଶୁମାନ ଗାଇକ୍ୱାଡ଼ଙ୍କ ପିତା ଥିଲେ। ୯୫ ବର୍ଷ ବୟସରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ।

୧୨ଦିନ ଧରି ବରୋଦାସ୍ଥିତ ଏକ ହସ୍ପିଟାଲର ଆଇସିୟୁ (ଇଣ୍ଟେନସିଭ କେୟାର ୟୁନିଟ୍)ରେ ଜୀବନ ପାଇଁ ସଂଗ୍ରାମ କରିବା ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ୧୯୫୨ ରୁ ୧୯୬୧ ମଧ୍ୟରେ ଭାରତ ପାଇଁ ୧୧ଟି ଟେଷ୍ଟ ଖେଳିଥିଲେ। ସେ ୧୯୫୯ରେ ଇଂଲଣ୍ଡ ଗସ୍ତରେ ଜାତୀୟ ଦଳର ଅଧିନାୟକ ମଧ୍ୟ ହୋଇଥିଲେ।

ଡାହାଣହାତୀ ବ୍ୟାଟ୍ସମ୍ୟାନ ଦତ୍ତାଜିରାଓ ଗାଏକ୍ୱାଡଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ୧୯୬୧ରେ ଚେନ୍ନାଇରେ ପାକିସ୍ତାନ ବିପକ୍ଷରେ ହୋଇଥିଲା। ଗାଇକ୍ୱାଡ୍ ୧୯୪୭ ରୁ ୧୯୬୧ ପର୍ଯ୍ୟନ୍ତ ରଣଜୀ ଟ୍ରଫିରେ ବରୋଦାର ପ୍ରତିନିଧିତ୍ୱ କରିଥିଲେ। ସେ ହାରାହାରି ୪୭.୫୬ ରେ ୩୧୩୯ ରନ ସ୍କୋର କରିଥିଲେ। ଏଥିରେ ୧୪ ଶତକ ସାମିଲ ଥିଲା। ୧୯୫୯-୬୦ ସିଜନରେ ମହାରାଷ୍ଟ୍ର ବିପକ୍ଷରେ ତାଙ୍କର ସର୍ବାଧିକ ସ୍କୋର ଅପରାଜିତ ୨୪୯ ଥିଲା। ସେ ୨୦୧୬ରେ ଭାରତର ସବୁଠୁ ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର ହୋଇଥିଲେ। ତାଙ୍କ ପୂର୍ବରୁ ଦୀପକ ଶୋହନ ସବୁଠୁ ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର ଥିଲେ। ପୂର୍ବତନ ବ୍ୟାଟ୍ସମ୍ୟାନ ଶୋହନଙ୍କର ୮୭ ବର୍ଷ ବୟସରେ ଅହମ୍ମଦାବାଦରେ ମୃତ୍ୟୁ ହୋଇଥିଲା।

# କ୍ରିକେଟରଙ୍କୁ କଡ଼ା ଚେତାବନୀ ଦେଲା ବିସିସିଆଇ

**ମୁମ୍ବାଇ**

କ୍ରିକେଟରଙ୍କୁ ବିସିସିଆଇର କଡ଼ା ଚେତାବନୀ। ଆଇପିଏଲ ପୂର୍ବରୁ ଆକ୍ସନ ମୋଡ଼ରେ ବିସିସିଆଇ। ଟିମ ଇଣ୍ଡିଆର ଅନେକ ଖେଳାଳିଙ୍କୁ ଏକ ଚେତାଇ ଦେଇଛି ବିସିସିଆଇ। ବିଶେଷ କରି ଆଇପିଏଲ ଆରମ୍ଭ ପୂର୍ବରୁ ସମୟ ନଷ୍ଟ କରୁଥିବା କେତେକ ଷ୍ଟାର ଖେଳାଳିଙ୍କୁ ଏହି ଚେତାବନୀ ଦିଆଯାଇଛି। କୁହାଯାଇଛି ଯେ, ପୂର୍ବରୁ ରଣଜୀ ତଥା ନିଜ ରାଜ୍ୟରେ ଖେଳାଯାଉଥିବା ମ୍ୟାଚ୍‌ରେ ଅଂଶଗ୍ରହଣ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଏଭଳି ପରିସ୍ଥିତିରେ ଏହି ଖେଳାଳିମାନେ ରଣଜୀ ଟ୍ରଫିର ପରବର୍ତ୍ତୀ ରାଉଣ୍ଡରେ ଖେଳୁଥିବା ଦେଖିବାକୁ ମିଳିବ। ନିକଟରେ ଅନେକ ଖେଳାଳି ଏହା କହିବା ସତ୍ତ୍ୱେ ରଣଜୀ କ୍ରିକେଟରେ ଖେଳୁନଥିଲେ। ବିସିସିଆଇ ଏବଂ ନ୍ୟାସନାଲ ସିଲେକ୍ଟରମାନେ ବର୍ତ୍ତମାନ ଏ ଦିଗରେ କଠୋରତା ଦେଖାଇଛନ୍ତି।

ସୋମବାର ଇମେଲ ମାଧ୍ୟମରେ ଅନେକ ଖେଳାଳିଙ୍କୁ ଯୋଗାଯୋଗ କରାଯାଇଥିବା ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଯେଉଁମାନେ ବର୍ତ୍ତମାନ ଜାତୀୟ ଦଳର ଅଂଶ ନୁହଁନ୍ତି କିମ୍ବା ବେଙ୍ଗାଲୁରୁର ନ୍ୟାସନାଲ କ୍ରିକେଟ ଏକାଡେମୀ (ଏନସିଏ)ରେ ପୁନଃ ନିର୍ମାଣ କରୁଛନ୍ତି ସେମାନଙ୍କ ପାଇଁ ପ୍ରଯୁଜ୍ୟ। ଏହି ଖେଳାଳିଙ୍କ ପାଇଁ ୧୬ ଫେବୃୟାରୀରୁ ରଣଜୀ ଟ୍ରଫି ମ୍ୟାଚ୍‌ର ଆଗାମୀ ରାଉଣ୍ଡ ପାଇଁ ନିଜ ନିଜ ରାଜ୍ୟ ଦଳରେ ଯୋଗଦେବା ବାଧ୍ୟତାମୂଳକ କରାଯାଇଛି।



ଏ ସମ୍ପର୍କରେ ବିସିସିଆଇର ଅଧିକାରୀ କହିଛନ୍ତି, ଖେଳାଳିମାନେ କେବଳ ଅନ୍ତର୍ଜାତୀୟ କ୍ରିକେଟ କିମ୍ବା ଆଇପିଏଲକୁ ଅଗ୍ରାଧିକାର ଦେଇପାରିବେ ନାହିଁ। ସେମାନଙ୍କୁ ଘରୋଇ କ୍ରିକେଟ ପାଇଁ ଉପଲବ୍ଧ ରଖିବାକୁ ପଡ଼ିବ ଏବଂ ନିଜ ନିଜ ରାଜ୍ୟ ଦଳ ପ୍ରତି ଦେଉଥିବା ପ୍ରତିଶ୍ରୁତିକୁ ସମ୍ମାନ କରିବାକୁ ପଡ଼ିବ।

ଏହି ନିୟମର କାର୍ଯ୍ୟକାରିତା ଇଶାନ କିଶାନଙ୍କ ଭଳି ଖେଳାଳିଙ୍କୁ ପ୍ରଭାବିତ କରିଛି। ଯିଏ ଆଇପିଏଲ ପାଇଁ ପ୍ରସ୍ତୁତି ପାଇଁ ପ୍ରତିଯୋଗିତାମୂଳକ କ୍ରିକେଟ ଛାଡ଼ିଛନ୍ତି। କ୍ରିକବଜ ରିପୋର୍ଟରେ ଏହି ଦାବି କରାଯାଇଛି। ନିକଟରେ ସେ ଆଇପିଏଲ ପାଇଁ ବରୋଦାରେ ଟ୍ରେନିଂ ନେଉଥିବାବେଳେ ତାଙ୍କ ଘର ଝାଡ଼ଖଣ୍ଡକୁ ଜାମସେଦପୁରରେ ରାଜସ୍ଥାନ ବିପକ୍ଷରେ ଖେଳିବାକୁ ପଡ଼ିବ।

ଏହି ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ଇଶାନଙ୍କ ବିଷୟରେ ନୁହେଁ। ରଣଜୀ ଟ୍ରଫି ମ୍ୟାଚରେ ନିଷ୍କ୍ରିୟ ଥିବା କ୍ରୁନାଲ ପାଣ୍ଡ୍ୟା ଏବଂ ଦୀପକ ଚହରଙ୍କ ଭଳି ଅନ୍ୟ ଖେଳାଳିଙ୍କ ପାଇଁ ମଧ୍ୟ ଏହକୁ ଲାଗୁ ହୋଇଛି। ଶ୍ରେୟସ ଆୟରର ମଧ୍ୟ ଏଥିରେ ଅଛନ୍ତି। ଖରାପ ଫର୍ମ ଯୋଗୁଁ ସେମାନେ ବି ଜାତୀୟ ଦଳରୁ ବାହାରି ଯାଇଥିଲେ।

ଇଶାନ କିଶନ ଦୀର୍ଘ ଦିନ ଧରି ଅନ୍ତର୍ଜାତୀୟ କ୍ରିକେଟରୁ ନିଖୋଜ ଅଛନ୍ତି। ଏହି କାରଣରୁ ଭାରତୀୟ କ୍ରିକେଟରେ ଉଦ୍‌ବେଗ ବୃଦ୍ଧି ପାଉଛି। ଦକ୍ଷିଣ ଆଫ୍ରିକା ସିରିଜରେ ଭାରତୀୟ ଦଳରୁ ବାଦ୍ ପଡ଼ିବା ପରେ ରଣଜୀ ଟ୍ରଫିରେ ଝାଡ଼ଖଣ୍ଡ ପାଇଁ ଖେଳିବାକୁ ମନା କରିବାର ନିଷ୍ପତ୍ତି ତାଙ୍କୁ ସମାଲୋଚନା କରିଛି।

ବିସିସିଆଇର କଡ଼ା ଆଭିମୁଖ୍ୟ ପରେ ଇଶାନ କିଷନ ଆଇପିଏଲ ଠିକ ପୂର୍ବରୁ ଆୟୋଜିତ ହେବାକୁ ଥିବା ଡିୱାଇ ପାଟିଲ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଇଶାନ କ୍ରିକେଟ କାରଣରୁ ଇଶାନ ପରିବାରକୁ ସମୟ ଦେଇ ପାରି ନ ଥିବା କୁହାଯାଏ। ଏହି କାରଣରୁ ସେ ବିରତି ନେଇ ନିଜ ପରିବାରକୁ ସମୟ ଦେଉଥିଲେ। ଏହି ସମୟରେ ସେ ଅଭ୍ୟାସ ବି କରି ପାରି ନ ଥିଲେ ଏବଂ ରଣଜୀ ଟ୍ରଫି ବି ଖେଳି ନ ଥିଲେ। ତଥାପି ସେ ଦଳକୁ ଫେରିବାକୁ ଏବେ ପ୍ରସ୍ତୁତ। ତେଣୁ ବିସିସିଆଇ ଆଦେଶ ମାନି ସେ ଡିୱାଇ ପାଟିଲ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି।

# ସିଥିଲ କୁମାର ପଣ୍ଡା ହେଲେ ଭାରତୀୟ ଟେନିସ୍ ବଲ୍ କ୍ରିକେଟ ମହାସଂଘର ଉପସଭାପତି




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଉତ୍ତରପ୍ରଦେଶର ଗୋରଖପୁରରେ ଭାରତୀୟ ଟେନିସ୍ ବଲ୍ କ୍ରିକେଟ୍ ମହାସଂଘ (ଟିବିସିଏଫ୍‌ଆଇ)ର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ନୂତନ କର୍ମକର୍ତ୍ତାମାନେ ୨୦୨୪ ରୁ ୨୦୨୮ ପର୍ଯ୍ୟନ୍ତ ପଦପଦବୀରେ ରହିବେ।

ଟିବିସିଏଫ୍‌ଆଇର ରିଟର୍ଣ୍ଣିଂ ଅଫିସର ଆଲୋକ ଦ୍ୱିବେଦୀ କହିଛନ୍ତି, ଡ. ଅଭିନବ ନାଥ ତିୱାରୀ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଆ ପୁଅ ତଥା ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ଦଳର ମହାସଚିବ ଶିଥିଲ କୁମାର ପଣ୍ଡାଙ୍କ ସମେତ ଡ. ମହମ୍ମଦ ବାବର, ଦେଶରାଜ କର୍ନାଲ, ଡ. ଗଙ୍ଗାଧରିଆ ଓ ଆର.ଡି. ପ୍ରସାଦ ଉପସଭାପତି ହୋଇଛନ୍ତି। ସେହିପରି ଇମ୍ରାନ୍ ଅହମଦ୍ ଲାରି ସାଧାରଣ ସଂପାଦକ ହୋଇଥିବା ବେଳେ ଚନ୍ଦ୍ରକାନ୍ତ ଝା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମହାସଂଘରେ ୫ ଜଣ ଯୁଗ୍ମ ସଚିବ ଅଛନ୍ତି। ସେମାନେ ହେଲେ ପି. ଗନଭେଲ, ଲୋକେଶ ଶର୍ମା, ସନ୍ଧ୍ୟା ପାଲିକର, କମଳେଶ୍ୱର କଲିତା ଓ ଏନ୍. ରତିନା ପଧାନ ସଫିକ୍ ପି, ଲାଲସିନସାଙ୍ଗା ରଲ୍‌ତେ, ଅମିତା ଜି ଥାପା, ଆର୍. ମୁନିରତ୍ନମ୍ ଓ ସୋଏବ୍ ଖାନ୍ ସଦସ୍ୟ ଅଛନ୍ତି। ଯଶବୀର ସିଂ ଓ ଜେ. ଅଖତାରଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନରେ ସମସ୍ତ ରାଜ୍ୟ ଓ ଅଂଶଗ୍ରହଣ କରୁଥିବା ସଂଘମାନଙ୍କ ଉପସ୍ଥିତିରେ ସମ୍ପର୍ଣ୍ଣ ହୋଇଥିଲା। ଭାରତୀୟ ଟେନିସ୍ ବଲ୍ କ୍ରିକେଟ୍ ମହାସଂଘର ଶିଥିଲ କୁମାର ପଣ୍ଡା ଉପସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ସଙ୍ଘର କର୍ମକର୍ତ୍ତା ଓ ଓଡ଼ିଶାର ବହୁ ସଂଗଠନ ଶୁଭେଚ୍ଛା ଜଣାଇଛନ୍ତି।

# କଟକରେ ରବି ଶାସ୍ତ୍ରୀ କ୍ରିକେଟ ଏକାଡେମୀ

## ମାର୍ଚ୍ଚରେ ଏମ୍‌ଜିଏମ୍ ସହ ଚୁକ୍ତି କରିବ ରବିଙ୍କ ସଂସ୍ଥା 'କୋଚିଂ ବିୟଣ୍ଡ'

**କଟକ, ନ୍ୟୁଜ୍‌ବ୍ୟୁରୋ**

ଟିମ୍ ଇଣ୍ଡିଆରର ପୂର୍ବତନ କୋଚ୍ ରବି ଶାସ୍ତ୍ରୀ କଟକରେ ଏକ କ୍ରିକେଟ ଏକାଡେମୀ ଖୋଲିବାକୁ ଯୋଜନା କରୁଛନ୍ତି । ଆଠଗଡ଼ କପୁରସିଂହ ଠାରେ ପ୍ରତିଷ୍ଠା ହୋଇଥିବା ଏମଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟ୍ ତଥା କ୍ରିକେଟ ଉତ୍କର୍ଷ କେନ୍ଦ୍ର ଠାରେ ଏହି ଏକାଡେମୀ ପରିଚାଳିତ ହେବ। ଆସନ୍ତା ମାର୍ଚ୍ଚରେ ଏମ୍‌ଝିଏମ୍‌ଜିଏମ୍ ସହ ଶାସ୍ତ୍ରୀଙ୍କ କ୍ରିକେଟ୍ ଏକାଡେମୀ ଏଜେନ୍ସି 'କୋଚିଂ ବିୟଣ୍ଡ୍' ଚୁକ୍ତିପତ୍ର ସ୍ୱାକ୍ଷରିତ କରିବ। ଏଠାରେ ଆବାସିକ ସୁବିଧା ପାଇଁ ଖେଳାଳିମାନେ କ୍ରିକେଟରେ ଭବିଷ୍ୟତ ଗଢିବାକୁ ସୁଯୋଗ ପାଇବେ। ପୂର୍ବ ଭାରତର ଏହା ହେବ ସର୍ବବୃହତ୍ କ୍ରିକେଟ ଏକାଡେମୀ ଓ ପ୍ରାୟ ୩୦ଏକର ପରିମିତ ଜମିରେ ସ୍ଥାପନ କରାଯାଉଥିବା ଏମ୍‌ଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟ୍ କେନ୍ଦ୍ର ଗତବର୍ଷ ଫେବୃୟାରୀ ୧୫ ତାରିଖରେ ଲୋକାର୍ପଣ ହୋଇଥିଲା। ଅନ୍ତର୍ଜାତୀୟ କ୍ରିକେଟର ସୁରେଶ ରାଇନା ଓ ପ୍ରଜ୍ଞାନ ଓଝା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଯଦିଓ କ୍ରିକେଟ ଫିଲ୍ଡ ପ୍ରସ୍ତୁତ ହୋଇସାରିଥିଲା କିନ୍ତୁ ଏହାର ପାରିପାର୍ଶ୍ୱିକ କାମ ଶେଷ ହୋଇ ନଥିଲା। ବର୍ଷକ ମଧ୍ୟରେ ଏମ୍‌ଜିଏମ୍ ପକ୍ଷରୁ କେନ୍ଦ୍ରର ବହୁ ବହୁ କାର୍ଯ୍ୟ ଶେଷ ହୋଇଛି। ଇତିମଧ୍ୟରେ ଶାସ୍ତ୍ରୀଙ୍କ। ଏକାଡ଼େମୀ 'କୋଚିଂ ବିୟଣ୍ଡ୍' ଖୋଲିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ମାର୍ଚ୍ଚ କ୍ରିକେଟ୍ ୨୦ରେ ଶାସ୍ତ୍ରୀଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷରିତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଏମ୍‌ଝିଏମ୍ ମୁଖ୍ୟ ପଙ୍କଜଲୋଚନ ମହାନ୍ତି ସୂଚନା ଦେଇଛନ୍ତି। ଏହି ଏକାଡେମୀରେ ୧୬ ରୁ ୨୦ବର୍ଷ ବୟସର ପ୍ରତିଭାଙ୍କୁ ରଖି କ୍ରିକେଟ ପ୍ରଶିକ୍ଷଣ ଦିଆଯିବ। ଏଠାରେ ୨୦ଟି ଅଭ୍ୟାସ ପିଚ୍ ରହିଛି। ଚୟନ ପ୍ରକ୍ରିୟା ଜରିଆରେ ଶ୍ରେଷ୍ଠ ପ୍ରତିଭାଙ୍କୁ ଚୟନ କରାଯିବ ଏବଂ ସେମାନଙ୍କୁ ଏକାଡ଼େମୀରେ ରଖି କ୍ରିକେଟ ଦକ୍ଷତା ବୃଦ୍ଧି କରାଯିବ। ଓଡ଼ିଆ ଖେଳାଳିଙ୍କ ସମେତ ରାଜ୍ୟ ବାହାରୁ କିଛି ଖେଳାଳି ମଧ୍ୟ ପ୍ରଶିକ୍ଷଣ ନେବେ। ଆର୍ ଶ୍ରୀଧର, ଡ. କିଞ୍ଜନ ସୁରଓ୍ୱାଲାଙ୍କ ଭଳି ଭାରତୀୟ ଦଳର କୋଚିଂ ଷ୍ଟାଫ୍ ଏଥିରେ ଅନ୍ତର୍ଭୁକ୍ତ ରହିବେ। ଶାସ୍ତ୍ରୀ ନିଜେ କଟକ ଆସି ପରିଚାଳନା ତଦାରଖ କରିବେ ବୋଲି ଜଣାପଡ଼ିଛି। ଶ୍ରୀ ମହାନ୍ତି କହିଛନ୍ତି, ଓଡ଼ିଶା କ୍ରିକେଟ ଆସୋସିଏସନର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓ ବର୍ତ୍ତମାନର ସମ୍ପାଦକ ସଞ୍ଜୟ ବେହେରାଙ୍କ ମାର୍ଗଦର୍ଶନରେ ଏମଜିଏମ୍ କ୍ରିକେଟ୍ ପ୍ରତିଭା ବିକାଶ ଦିଗରେ ଗୁରୁତ୍ୱ ଦେଇଛି। ଏହି ଏକାଡେମୀ କାର୍ଯ୍ୟକାରୀ ହେଲେ ପୂର୍ବଭାରତର ସର୍ବବୃହତ୍ ଏକାଡ଼େମୀ ଭାବେ ପ୍ରତିଷ୍ଠା ହେବ। ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଉଛି । ଖୁବ୍ ଶୀଘ୍ର ଚୁକ୍ତିପତ୍ର ସ୍ୱାକ୍ଷରିତ କରିବୁ ବୋଲି ସେ ପ୍ରକାଶ କରିଛନ୍ତି।

# ଟେଷ୍ଟ ସିରିଜ୍ ପାଇଁ ଭାରତ ଫେରିଲା ଇଂଲଣ୍ଡ ଟିମ୍

**ରାଜକୋଟ**

ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳାଯାଉଛି। ଦ୍ୱିତୀୟ ଟେଷ୍ଟ ପରେ ଇଂଲଣ୍ଡ କ୍ରିକେଟ ଅଭ୍ୟାସ ପାଇଁ ଆବୁଧାବି ଚାଲିଯାଇଥିଲା। ଏବେ ଦଳ ଭାରତ ଫେରି ଆସିଛି। ସିରିଜ୍ ବର୍ତ୍ତମାନ ୧–୧ରେ ବରାବର ରହିଛି। ଏବେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଶୃଙ୍ଖଳାର ତୃତୀୟ ମୁକାବିଲା ଫେବୃୟାରୀ ୧୫ରୁ ରାଜକୋଟ୍‌ରେ ଖେଳାଯିବ। ଆଉ ଦଳ ଏବେ ରାଜକୋଟ୍‌ରେ ପହଞ୍ଚିଯାଇଛି। ମଙ୍ଗଳବାର ଦଳ ରାଜକୋଟ୍ ବିମାନ ବନ୍ଦରରେ ପହଞ୍ଚିଥିଲା। ତେବେ ଦଳର ଷ୍ଟାର ସ୍ପିନର ରେହାନ ଅହମ୍ମଦଙ୍କୁ ବିମାନ ବନ୍ଦରରେ ଅଟକା ଯାଇଥିଲା। କାରଣ ପାକିସ୍ତାନୀ ବଂଶୋଦ୍ଭବ ରେହାନ ଅହମ୍ମଦଙ୍କ ନିକଟରେ ଏକକ ପ୍ରବେଶ ଭିସା ଥିଲା। ଏହି କାରଣରୁ ତାଙ୍କୁ ବିମାନ ବନ୍ଦରରେ ଅଟକା ଯାଇଥିଲା। ଫଳରେ ଇଂଲିଶ କ୍ରିକେଟର ରେହାନ ଅହମ୍ମଦଙ୍କୁ ୨ ଘଣ୍ଟାରୁ ଅଧିକ ସମୟ ହଇରାଣ ହେବାକୁ ପଡ଼ିଥିଲା। ଏହା ପରେ ଇଂଲଣ୍ଡ କ୍ରିକେଟ ବୋର୍ଡ ତତ୍କାଳ ଭିସା ପାଇଁ ପଦକ୍ଷେପ ନେଇଥିଲା। ଭିସା ମିଳିବା ପରେ ତାଙ୍କୁ ଯିବାକୁ ଦିଆଯାଇଥିଲା। ଏହାର ଠିକ୍ ପୂର୍ବରୁ ପାକିସ୍ତାନୀ ବଂଶୋଦ୍ଭବ ଶୋଏବ ବସିରଙ୍କୁ ମଧ୍ୟ ଭିସା ସମସ୍ୟା କାରଣରୁ ଆବୁଧାବିରେ ଅଟକିବାକୁ ପଡ଼ିଥିଲା। କିଛି ଦିନ ପରେ ଭିସା ମିଳିବା ପରେ ସେ ଭାରତରେ ପହଞ୍ଚିଥିଲେ ଏବଂ ଦ୍ୱିତୀୟ ଟେଷ୍ଟ ଖେଳିଥିଲେ। ଇଂଲଣ୍ଡ କ୍ରିକେଟ ଦଳ ସୋମବାର ସନ୍ଧ୍ୟା ୫ଟା ୩୦ରେ ବିମାନ ବନ୍ଦରରେ ଏବଂ ରାତି ୮ଟାରେ ହୋଟେଲ୍‌ରେ ପହଞ୍ଚିଥିଲା। କିନ୍ତୁ ଅଧିନାୟକ ବେନ ଷ୍ଟୋକ୍ସ ଓ ରେହାନ ଅହମ୍ମଦ ରାତି ପ୍ରାୟ ୯ଟାରେ ହୋଟେଲ୍‌ରେ ପହଞ୍ଚିଥିଲେ। ମଙ୍ଗଳବାର ଇଂଲଣ୍ଡ ଓ ଭାରତୀୟ କ୍ରିକେଟ ଦଳ ରାଜକୋଟ୍‌ରେ ଅଭ୍ୟାସ କରିଛନ୍ତି।

# ଚୌଦ୍ୱାର କଲେଜ ପୁରାତନ ଛାତ୍ରସଂସଦର ବାର୍ଷିକ ବନ୍ଧୁମିଳନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର କଲେଜ ପୁରାତନ ଛାତ୍ରସଂସଦର ବାର୍ଷିକ ବନ୍ଧୁମିଳନ ସମାବେଶ (୨୦୨୪) ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଆଗାମୀ ଦିନରେ କଲେଜର ସର୍ବାଙ୍ଗୀନ ବିକାଶ ପାଇଁ ୫– ଟି ଉପକ୍ରମରେ କାର୍ଯ୍ୟକାରୀ ହେବାକୁ ସମସ୍ତ କାର୍ଯ୍ୟକ୍ରମକୁ ସାକାର କରିବା ଦିଗରେ ସଂସଦ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ଆଗାମୀ କିଛି ବର୍ଷ ମଧ୍ୟରେ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହ ହେବାକୁ ଯାଉଥିବାରୁ ଏହାକୁ ସାଫଲ୍ୟମଣ୍ଡିତ କରିବା ପାଇଁ ସଂସଦ ସକ୍ରୀୟ ଭୂମିକା ନିର୍ବାହ କରିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବରୁ କଲେଜ ଗଭର୍ଣ୍ଣିଂବଡ଼ିର ଗୃହୀତ ପ୍ରସ୍ତାବ ଅନୁସାରେ ପୁରାତନ ଛାତ୍ର ସଂସଦର କାର୍ଯ୍ୟାଳୟ ପାଇଁ ଦିଆଯାଇଥିବା ପ୍ରକୋଷ୍ଠର ଆଧୁନିକୀକରଣ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଆକର୍ଷଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକ ଆରମ୍ଭରେ ସଭାପତି ଶ୍ରୀ ଜେନା ସମସ୍ତ ସଦସ୍ୟ ଓ ସଦସ୍ୟାମାନଙ୍କୁ ସ୍ୱାଗତ ସହ ଆଗାମୀ ଦିନରେ ସଂସଦର କାର୍ଯ୍ୟକ୍ରମରେ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସମ୍ପାଦକ କେଶବ ଚନ୍ଦ୍ର ସାହୁ ବରିଷ୍ଠ କର୍ମକର୍ତ୍ତା କବିତା ପରିଡ଼ା, ସୌମିତ୍ର ସ୍ୱାଇଁ, ଧନଞ୍ଜୟ ମହାପାତ୍ର, କିଶୋର ସାମଲ, ବିଭୁତି ସାହୁ, ରବୀନ୍ଦ୍ର ସାହୁ, ବିଚିତ୍ରାନନ୍ଦ ସାହୁ, ଗଙ୍ଗାଧର ସାହୁ କିଶୋର ସାମଲ, ମଳୟ ଦାସଗୁପ୍ତ, ଝୁଲେନ୍ଦ୍ର ନାୟକ, ମୁରଲୀଧର ବେହୁରା, ବିବେକା ବେହେରା, ଅଞ୍ଜନ ଜେନା, ହରିହର ପରିଡ଼ା, ରାଜୀବ ମହାନ୍ତି, ଅଞ୍ଜନା ପରିଡ଼ା, ବାବୁ ବେହେରା, ନିତ୍ୟାନନ୍ଦ ସ୍ୱାଇଁ, ରବୀନ୍ଦ୍ର ମହାପାତ୍ର, ହେମନ୍ତ ମହାନ୍ତି, ଅଲେଖ ବେହେରା, ରାଜେନ୍ଦ୍ର ସାମନ୍ତରାୟ, ଦୀପକ ପ୍ରତାପ ଦେବ, ବିଜୟ ସ୍ୱାଇଁ, ଜୟନ୍ତ ସାହୁ, ରିଆଜ ଶାହା ଓ ଜୟନ୍ତ ପରିଡ଼ାଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ।

# ପୋଲିସ ବିରୋଧରେ ଲାଗିଲା ପୋଷ୍ଟର

**ରାଇଘର, ନ୍ୟୁଜ୍‌ବ୍ୟୁରୋ**



ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅନ୍ତର୍ଗତ କୁକୁରକୁଆଁ ଗ୍ରାମ ନିକଟରେ ରାସ୍ତା ଉପରେ ଗଛକାଟି ଲଗାଯାଇଛି। ପୋଷ୍ଟର ରାଇଘର ପୋଲିସ ଓ ଉମରକୋଟ ଏସ.ଡି.ପି.ଓ ଅନୁମତିରେ ଗତ ୧୦ ତାରିଖ ଶନିବାର ରାତିରେ ନକଟିସିମୋଡ଼ା ଓ ମାରିପାରା ଗ୍ରାମରେ ଜୁଆ ଖୁଡ଼ ଖୁଡ଼ିର ୨୨ଟି ପସରା ଲାଗିଥିଲା। ଲୋକଙ୍କୁ ଜୁଆ ଖେଳାଇ ସର୍ବହରା ହେବା ପଛରେ ରାଇଘର ପୋଲିସ ଏବଂ ଉମରକୋଟ୍‌ର ହାତ ଥିଲା। ଏଥର ୨୬ ଗୋଟି ପଞ୍ଚାୟତରେ ଜୁଆ ଖୁଡ଼ଖୁଡି ଖେଳ ବନ୍ଦ ନହୁଏ ତାହେଲେ ନିଆଁ ଜଳିବ ଯେଉଁ ଗାଁକୁ ଜୁଆ ଖେଳ ହୁଏ, ସେହି ଗାଁ ୱାର୍ଡ ସଭ୍ୟ ଓ ସରପଞ୍ଚଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ତେବେ କିଏ ଏଭଳି କରିଛି ତାହା ସ୍ପଷ୍ଟ ହୋଇନାହିଁ। ଘଟଣା ସମ୍ପର୍କରେ ଉମରକୋଟ ମଧୁଶିକ୍ତା ମିଶ୍ରଙ୍କୁ ପଚରିବାରୁ ସେ କହିଛନ୍ତି କି ସେଦିନ ଜୁଆ ଖେଳ ନେଇ ଅନେକ ଫୋନ କଲ୍ ପାଇବା ପରେ ପୋଲିସ ଜୁଆ ଖେଳ ବନ୍ଦ କରାଇଯାଇଥିଲା। କିନ୍ତୁ ରାତିରେ ପୁଣି ଜୁଆ ଖେଳ ହେଇଥିବ ବୋଲି ସେ କହିଛନ୍ତି। ତେବେ କିଏ ଏଭଳି ପୋଷ୍ଟର ଲଗାଇଛି ତା'ର ତଦନ୍ତ କରାଯାଉଛି।

# ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ : ପାଞ୍ଚଗାଁ ଚାମ୍ପିଅନ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ସ୍ଥିତ ମିନି ଷ୍ଟାଡିୟମ୍‌ରେ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏସନ ଦ୍ୱାରା ଆୟୋଜିତ ପ୍ରଥମ ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ରାଜ୍ୟ ସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଆୟୋଜକ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏସନ ୨/୧ ଗୋଲରେ ମା' ମଙ୍ଗଳା କ୍ଲବ ବନମାଳୀପୁର (ଢେଙ୍କାନାଳ)କୁ ହରାଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି।



ଖେଳର ପ୍ରଥମାର୍ଦ୍ଧର ୧୬ ମିନିଟ୍‌ରେ ପାଞ୍ଚଗାଁ ଦଳର ନଂ ୮ ଖେଳାଳି ପାପାଲି ସେଠୀ ଏକ ଦର୍ଶନୀୟ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ମଧ୍ୟାନ୍ତର ସୁଦ୍ଧା ପାଞ୍ଚଗାଁ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ୨୦ ମିନିଟ୍‌ରେ ପୁଣି ପାଞ୍ଚଗାଁ ଦଳର ନଂ ୭ ଖେଳାଳି ରିକିବିଜୟ ୨ୟ ଗୋଲ ସ୍କୋର କରିଥିଲେ। ଖେଳର ଅନ୍ତିମ ମିନଟ୍‌ରେ ମା' ମଙ୍ଗଳା ଦଳର ନଂ ୧୦ ଖେଳାଳି ରଜତ କୁମାର ରାଉତ ଗୋଟିଏ ଗୋଲ ସ୍କୋର କରିଥିଲେ। ଶେଷରେ ପାଞ୍ଚଗାଁ ଫାଇନାଲ ମ୍ୟାଚ୍‌କୁ ୨/୧ ଗୋଲରେ ବିଜୟୀ ହୋଇଥିଲେ।

ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଆଠଗଡ଼ ବିଜେଡିର ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲାପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସରପଞ୍ଚ ନିରଞ୍ଜନ ଦଳେଇଙ୍କ ସହ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ତିଗିରିଆ ବ୍ଲକ୍‌ର ୪୦ ଜଣ ପ୍ରାକ୍ତନ ଫୁଟ୍‌ବଲ୍ ଖେଳାଳିଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଚାମ୍ପିୟନ ପାଞ୍ଚଗାଁ ଡସଲରକୁ ଟ୍ରଫି ସହିତ ନଗଦ ଅର୍ଥ ଓ ରନର୍ସଅପ୍ ମା'ମଙ୍ଗଳା ଦଳକୁ ରନର୍ସ ଟ୍ରଫି ସହିତ ସହ ଅର୍ଥ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପାପାଲି ସେଠୀ, ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ରିକିବିଜୟଙ୍କୁ ସ୍ୱତନ୍ତ୍ର ରୂପେ ଅତିଥି ପୁରସ୍କୃତ କରିଥିଲେ।

# କଳିଙ୍ଗ ସାହିତ୍ୟ ମହୋତ୍ସବରେ କବିତା ପୁସ୍ତକ 'ମୁଁ ଶୂନ କହୁଛି' ଉନ୍ମୋଚିତ




**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମରେ ଚାଲିଥିବା ତିନିଦିନିଆ କଳିଙ୍ଗ ସାହିତ୍ୟ ମହୋତ୍ସବର ଉଦ୍‌ଘାଟନୀ ଦିବସରେ ପ୍ରଦୀପ ମହାପାତ୍ରଙ୍କ ଓଡ଼ିଆ କବିତା ସଂକଳନ 'ମୁଁ ଶୂନ କହୁଛି'ର ଉନ୍ମୋଚନ ଉପରେ ସମସ୍ତଙ୍କ ନଜର ରହିଥିଲା। ଏହି ପୁସ୍ତକକୁ ବିଶିଷ୍ଟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ ଦାସ ବେନହୁର ଓ ଓଡ଼ିଶାର ବିଶିଷ୍ଟ କବି, ଲେଖିକା ଓ ଶିକ୍ଷାବିତ୍ ଚିନ୍ମୟୀ ପଣ୍ଡା 'ମଧୁବାବୁଙ୍କ ଓଡ଼ିଶା' ଶୀର୍ଷକ ଅଧିବେଶନରେ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଓ ସାହିତ୍ୟପ୍ରେମୀମାନେ ଏକାଠି ହୋଇ କଳା, ସଂସ୍କୃତି ଓ ସାହିତ୍ୟର ଉତ୍ସବ ପାଳନ କରିଥିଲେ। ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ବାସିନ୍ଦା ପ୍ରଦୀପ ବର୍ତ୍ତମାନ ଆମେରିକାର ବିଭର୍ଟନ ସ୍ଥିତ ଇଣ୍ଟେଲରେ ସିଷ୍ଟମ୍ ଇନେବଲମେଣ୍ଟ ଦଳର ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଦୀପ ମହାପାତ୍ରଙ୍କ ମାର୍ମିକ କବିତା ଦର୍ଶକଙ୍କ ମନକୁ ଆକର୍ଷିତ କରିଥିଲା, ଯେଉଁଥିରେ ତାଙ୍କ ଭାବପ୍ରବଣ ଆବେଗ ଓ ଗଭୀର ଜ୍ଞାନର ଝଲକ୍ ଦେଖିବାକୁ ମିଳିଥିଲା। ଏହି ପୁସ୍ତକ ପ୍ରକାଶନ ପରେ ପ୍ରଦୀପ ମହାପାତ୍ରଙ୍କ କୃତୀ ନିଶ୍ଚିତ ଭାବରେ ସାହିତ୍ୟ ଜଗତରେ ଏକ ଛାପ ଛାଡ଼ିଛି, ଯାହା ଏହାର ଗଭୀରତା ଏବଂ ଭାବପ୍ରବଣତା ଦ୍ୱାରା ପାଠକଙ୍କୁ ଆକର୍ଷିତ କରିବ।

**'e' PROCUREMENT NOTICE NO.23/ 2023-24.** O-1530

1 Name of work. : Building Works
2. Total No. of Work. : 04(Four) works.
3. Estimated Cost. : Rs.61.62 to 99.90 lakhs.
4. Period of Completion. : 06(Six) Calendar Months.
5. Class of contractors. : 'B' Class only.

**Other details as follows :**

a) Procurement officer : Superintending Engineer, Rural Works Division,Cuttack.
b) Availability of tender online for bidding : From 19.02.2024 at 11.00 Hours 29.02.204 up to 17.00 Hours.
c) Last date & time of seeking of tender clarification. : 28.02.2024 up to 17.00 Hours.
d) Date & Time of Opening Technical Bid : 01.03.2024 at 11.00 A.M.

Further details can be seen from the Govt, website www.tendersorissa.gov.in

Sd/- Superintending Engineer
Rural Works Division, Cuttack

OIPR-25053/11/0042/2324

# ଦୁର୍ଘଟଣାରେ ପ୍ରଶିକ୍ଷକଙ୍କ ସହ ମାରାଥନର୍ କେଲଭିନ୍‌ଙ୍କ ଦେହାନ୍ତ

**ନାଇରୋବି**

ଏକ ସଡ଼କ ଦୁର୍ଘଟଣାରେ ବିଶ୍ୱ ରେକର୍ଡଧାରୀ ମାରାଥନ ଧାବକ କେନିଆର କେଲଭିନ୍ କିପ୍ଟମଙ୍କ ଦେହାନ୍ତ ଘଟିଛି। ତାଙ୍କ ପ୍ରଶିକ୍ଷକ ଗର୍ଭାଇସ୍ ହାକିଜିମାନା ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏଠାକାର ରିଫ୍ଟ ଭ୍ୟାଲି ଅଞ୍ଚଳ ଅତିକ୍ରମ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି କାର୍‌ରେ ଥିବା ଜଣେ ମହିଳା ସାରୋନ୍ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଗତବର୍ଷ ଅକ୍ଟୋବରରେ ଚିକାଗୋ ମାରାଥନରେ ୨୪ ବର୍ଷୀୟ କେଲଭିନ୍ ପ୍ରଥମ ପୁରୁଷ ଭାବେ ୨ ଘଣ୍ଟା ୧ ମିନିଟ୍‌ରୁ କମ୍ ସମୟ ନେଇ ବିଶ୍ୱ ରେକର୍ଡ (୨ ଘଣ୍ଟା ୩୫ ସେକେଣ୍ଡ) ଭଙ୍ଗ କରିଥିଲେ। ୨୦୨୨ରେ ବର୍ଲିନ୍‌ରେ ତାଙ୍କ ଦେଶର ଏଲିଉଡ୍ କିପଚୋଗ୍‌ଙ୍କ ରେକର୍ଡ (୨ ଘଣ୍ଟା ୧ ମିନିଟ୍ ୦୯ ସେକେଣ୍ଡ) କରିଥିଲେ। ବିଶ୍ୱ ମାରାଥନ ଇତିହାସରେ କେଲଭିନ୍ ୭ ଜଣ ଦ୍ରୁତତମ ଧାବକଙ୍କ ମଧ୍ୟରେ ସାମିଲ ଥିଲେ। ରୋଟରଡାମ ମାରାଥନ ଓ ପ୍ୟାରିସ ଅଲିମ୍ପିକ୍ସରେ ସେ ୨ ଘଣ୍ଟାରୁ କମ୍ ସମୟ ନେଇ ପୁଣି ଥରେ ରେକର୍ଡ କରିବା ସମ୍ଭାବନା ଥିଲା। କେଲଭିନ୍‌ଙ୍କ ବିୟୋଗରେ କେନିୟାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଇଲା ଓଡ଼ିଙ୍ଗା ଓ ବିଶ୍ୱ ଆଥ୍‌ଲେଟିକ୍ସ ସଭାପତି ସେବାଷ୍ଟିଏନ କୋଏ ଗଭୀର ଶୋକପ୍ରକାଶ ସହ ପରିବାର ବର୍ଗ ପାଇଁ ସମବେଦନା ଜଣାଇଛନ୍ତି।



# ୩୮୪ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ସାମର୍ଥ୍ୟବାନ ଯୁବଶକ୍ତି ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛନ୍ତି ବୋଲି ସୋମବାର ଭୁବନେଶ୍ୱରରେ ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ୩୮୪ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବିତରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ କଠିନ ପରିଶ୍ରମ ପରେ ସଫଳତା ପାଇଥିବା କର୍ମଯୋଗୀ ବନ୍ଧୁ ମାନଙ୍କୁ ଶୁଭେଚ୍ଛା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ରୋଜଗାର ମେଳା ଯୁବକ ଯୁବତୀ ମାନଙ୍କୁ ସଶକ୍ତୀକରଣ ଏବଂ ବିକଶିତ ଭାରତରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବା ପାଇଁ ସୁଯୋଗ ଦେଉଛି । ନିଯୁକ୍ତ ପାଇଥିବା ଯୁବଶକ୍ତିଙ୍କ ପରିଶ୍ରମ ହିଁ ଦେଶକୁ ବିକଶିତ କରିବ । ଏହି ଗୁରୁ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିବା ପାଇଁ ଶ୍ରୀ ପ୍ରଧାନ ନିଯୁକ୍ତ ପାଇଥିବା ପ୍ରାର୍ଥଙ୍କୁ ପରାମର୍ଶ ଦେବା ସହ ଧନ୍ୟବାଦ ଜଣାଇଥିଲେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ମଜଭୂତ୍ ସ୍ଥିତିରେ ପହଞ୍ଚିଛି । ଦେଶ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ରାଷ୍ଟ୍ରରେ ପରିଣତ ହୋଇଥିବା ବେଳେ ଆଗାମୀ ତିନି ବର୍ଷ ମଧ୍ୟରେ ୩ ନମ୍ବର ଅର୍ଥନୀତି ହେବ । ବର୍ତ୍ତମାନ ସମୟରେ ସ୍କିଲିଂ, ରି- ସ୍କିଲିଂ ଓ ଅପ୍ - ସ୍କିଲିଂ ନିତିଦିନିଆ କାର୍ଯ୍ୟରେ ପରିଣତ ହେଲାଣି । ସମୟ ସହ ନୂଆ ନୂଆ ଟେକ୍ନୋଲୋଜି ଆସୁଛି । ଡିଜିଟାଲ ଦୁନିଆ ଭାରତକୁ ଆଗକୁ ନେଉଛି। ଆମେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ଅଗ୍ରସର ହେଉଥିବା ବେଳେ ଆଜି ନିଯୁକ୍ତି ପାଇଥିବା ପ୍ରାର୍ଥୀ ମାନେ ଆଗାମୀ ୨୫ ବର୍ଷ ଭିତରେ ଦକ୍ଷତାକୁ ବହୁ ଗୁଣିତ କରିବା ପାଇଁ ଏବେ ଠାରୁ ପ୍ରୟାସ କରିବାର ଆବଶ୍ୟକତା ଅଛି । ପାଠ ପଢି ଯେଉଁମାନେ ସରକାରୀ ଦାୟିତ୍ୱରେ ଅଛନ୍ତି ସେମାନେ ହିଁ ଦେଶକୁ ଆଗକୁ ନେବେ। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବ । ଓଡ଼ିଶା ବିକଶିତ ହେଲେ ହିଁ ଭାରତ ବିକଶିତ ହେବ । ପ୍ରଧାନମନ୍ତ୍ରୀ ଏକ ଭାରତ ଶ୍ରେଷ୍ଠ ଭାରତର ନାରା ଦେଇଛନ୍ତି। ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ବେଳେ ଦେଖାଗଲା କି ସମସ୍ତଙ୍କର ଗୋଟିଏ ଭାବଧାରା ଅଛି । ଭାଷା, ସ୍ଥାନ, ପୋଷାକ, ଖାଦ୍ୟ ଏବଂ ରୁଚି ଆମ ପାଇଁ ଅଲଗା ହୋଇପାରେ। କିନ୍ତୁ ଆମେ ବିବିଧତାରେ ଏକ । ପ୍ରଧାନମନ୍ତ୍ରୀଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' କଳ୍ପନାରେ ଭାରତୀୟ ଭାବେ ଆମ ଦେଶକୁ ବିଶ୍ୱରେ ଅଗ୍ରଣୀ କରିବା ପାଇଁ, ଓଡ଼ିଶାର ସ୍ୱାଭିମାନକୁ ବଢାଇବା ପାଇଁ ଏବଂ ମାନବ ସମାଜକୁ ଆଗେଇ ନେବା ପାଇଁ ତପସ୍ୟା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଯୁବ ସମାଜକୁ ଆହ୍ୱାନ କରିଛନ୍ତି । ଉଲ୍ଲେଖନୀୟ ଯେ, ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାରେ ସିଆଇଏସଏଫରେ ୧୦୦ ଜଣ, ପୂର୍ବତଟ ରେଳ ବିଭାଗରେ ୭୪, ଏମ୍ସରେ ୫୬, ସିବିଆଇସିରେ ୪୦, ଏଫସିଆଇରେ ୨୯, ବିଏସଏଫରେ ୨୪, ଇପିଏଫଓରେ ୧୭, ଇନକମ ଟ୍ୟାକ୍ସରେ ୧୦, ଭାରତୀୟ ଡାକ ବିଭାଗରେ ୯, ଜନଜାତି ବ୍ୟାପାର ମନ୍ତ୍ରଣାଳୟରେ ୯, ସିଡବ୍ଲୁସିରେ ୭, ସିଆରପିଏଫରେ ୬ ଏବଂ ସିପିଡବ୍ଲୁଡିରେ ୦୩ ଜଣ ସର୍ବମୋଟ ୩୮୪ ଜଣଙ୍କୁ ନିଯୁକ୍ତି ପତ୍ର ବିତରଣ କରାଯାଇଥିଲା ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଫେବୃୟାରୀ ୨୦୨୪ ବୁଧବାର



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଛାତ୍ରଛାତ୍ରୀଙ୍କୁ ମିଳିବ...

ସଶକ୍ତିକରଣ କ୍ଷେତ୍ରରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ସେ କହିଥିଲେ। ଏଥି ପାଇଁ ଆସନ୍ତା ଶିକ୍ଷା ବର୍ଷରୁ ୩୦୦ କୋଟି ଟଙ୍କା କର୍ପସ ଫଣ୍ଡ ସହିତ ଏକ ପାଣ୍ଠି ଗଠନ କରାଯିବ ଏବଂ ଶିକ୍ଷା ତଥା ବିଭିନ୍ନ କାର୍ଯ୍ୟକ୍ରମରେ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ପାଣ୍ଠିରୁ ଉଚ୍ଚ ବୃତ୍ତି ରାଶି ପ୍ରଦାନ କରାଯିବ। ଅଗଷ୍ଟ ମାସ ସୁଦ୍ଧା ନୂଆ- ଓ ମ୍ୟାଜିକ ସ୍ମାର୍ଟ କାର୍ଡ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଦିଆଯିବ । ଯେଉଁଥିରେ ଛାତ୍ରଛାତ୍ରୀ ବସ୍, ଟ୍ରେନରେ ଯାତ୍ରା ସମୟରେ ଫ୍ରି ୱାଇଫାଇ, ଅନଲାଇନ କୋର୍ସ, ସ୍କିଲ ଡେଭେଲପମେଣ୍ଟ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ ବୋଲି ମଧ୍ୟ ସେ କହିଥିଲେ। ଶ୍ରୀ ପାଣ୍ଡିଆନ ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ସଶକ୍ତ ହେବା ପାଇଁ ନୂଆ ଯୁଗ ଆରମ୍ଭ ହେବ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ନବୀନ ଓଡ଼ିଶା ଗଠନର ସାକାରରେ ଏହା ସହାୟତା କରିବ। ଶ୍ରୀ ପାଣ୍ଡିଆନ ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ବଡ ସ୍ୱପ୍ନ ଦେଖ ଓ ଏହାକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବା ପାଇଁ ପ୍ରେରଣାଦାୟୀ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଏହି ନୂଆ-ଓ ଛାତ୍ରବୃତ୍ତି ଯୋଜନାରେ ରାଜ୍ୟର ସ୍ନାତକ ଶ୍ରେଣୀର ୪.୫ ଲକ୍ଷ ଛାତ୍ରଛାତ୍ରୀ ଓ ସ୍ନାତକୋତ୍ତର ଶ୍ରେଣୀର ୩୨ ହଜାର ଛାତ୍ରଛାତ୍ରୀ ଉପକୃତ ହେବେ।

## ବାଂଲାଦେଶ ଓ ଶ୍ରୀଲଙ୍କା ...

ୟୁନିଫାଇଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) ସେବା ପ୍ରାରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ଏହି ଐତିହାସିକ ସମ୍ବନ୍ଧକୁ ଆଧୁନିକ ଡିଜିଟାଲ ପ୍ରଯୁକ୍ତି ସହ ସଂଯୁକ୍ତକାରୀ ବୋଲି କହିଛନ୍ତି। ଏଥି ପାଇଁ ଆୟୋଜିତ ଅନଲାଇନ କାର୍ଯ୍ୟକ୍ରମରେ ଶ୍ରୀଲଙ୍କା ରାଷ୍ଟ୍ରପତି ରନିଲ ବିକ୍ରମ ସିଂହେ, ମରିସସ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଯୁଗନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ। ନିଜ ମନ୍ତବ୍ୟରେ ମୋଦି କହିଥିଲେ ଯେ ଏହି ଫିନଟେକ ସେବା ଦେଶମାନଙ୍କ ମଧ୍ୟରେ ଆର୍ଥିକ ସହଯୋଗ ବୃଦ୍ଧି କରିବ। ସେ କହିଥିଲେ ଯେ ୟୁପିଆଇ ଭାରତ ସହିତ ଅଂଶୀଦାରୀଙ୍କୁ ଏକଜୁଟ କରିବାରେ ନୂଆ ଦାୟିତ୍ୱକୁ କାର୍ଯ୍ୟାନ୍ୱୟନ କରୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ହାନ୍ଦ ମହାସାଗର କ୍ଷେତ୍ରର ୩ ମିତ୍ର ଦେଶଙ୍କ ନିମନ୍ତେ ଏହା ଏକ ବିଶେଷ ଦିନ। କାରଣ ଆମେ ଆମର ଐତିହାସିକ ସମ୍ପର୍କକୁ ଡିଜିଟାଲ ଟେକ୍ନୋଲୋଜି ସହିତ ସଂଯୋଗ କରୁଛୁ। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ୟୁପିଆଇ ଯୋଗୁ ଶ୍ରୀଲଙ୍କା ଓ ମରିସସକୁ ଲାଭ ମିଳିବ। କାରଣ ସାର୍ବଜନୀକ ଡିଜିଟାଲ ଭିତ୍ତିଭୂମିରେ ଭାରତ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଛି । ଏହି ସେବା କାର୍ଯ୍ୟକାରୀ ହେବା ପରେ ଶ୍ରୀଲଙ୍କା ଓ ମରିସସ ଯାଉଥିବା ଭାରତୀୟ ନାଗରିକଙ୍କ ସହିତ ସେହିଦେଶମାନଙ୍କରୁ ଭାରତ ଆସୁଥିବା ନାଗରିକ ଏହି ୟୁପିଆଇ ସେବାର ଲାଭ ନେଇ ପାରିବେ। ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ଦ୍ୱାରା ବିକଶିତ ୟୁପିଆଇ ମୋବାଇଲ ଫୋନ ଦ୍ୱାରା ଇଣ୍ଟରବ୍ୟାଙ୍କ ନେଣଦେଣ ନିମନ୍ତେ ଏକ ତ୍ୱରିତ ଓ ରିୟଲଟାଇମ ପୈଠ ପ୍ରଣାଳୀ।

## .କଳାହାଣ୍ଡି ଜିଲ୍ଲାର ସାନ୍ଦୁଲ...

ରେଙ୍ଗାଲି ଡ୍ୟାମ ଓ ସମଲ ବ୍ୟାରେଜ କେନାଲ ସିଷ୍ଟମ ଏହି ପ୍ରକଳ୍ପ ଗୁଡ଼ିକ ମାଧ୍ୟମରେ କଳାହାଣ୍ଡି, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ଚାଷ ଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହେବ। ୩୨ ହଜାର ଏକରରୁ ଅଧିକ ଜମିକୁ ପାଣି ମିଳିବ। ସୂଚନାଯୋଗ୍ୟ ଯେ ରେଙ୍ଗାଲି ଡ୍ୟାମ ଓ ସମଲ ବ୍ୟାରେଜର କେନାଲ ପ୍ରଣାଳୀ କାମ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି। ବର୍ତ୍ତମାନ ଏହାର ୨୭.୫ କିମି ଦର୍ପଣି ବ୍ରାଞ୍ଚ କେନାଲ ଓ ୧୯.୫ କିମି ନରସିଂହପୁର ବ୍ରାଞ୍ଚ କାମ ସମ୍ପୂର୍ଣ୍ଣ ହୋଇଛି ଏବଂ ଏହାର ଭୂତଳ ପାଇପଲାଇନ କାମ ମଧ୍ୟ ସରିଛି। ଏହା ଦ୍ୱାରା କଟକ ଜିଲ୍ଲାର ଆଠଗଡ ଓ ଟିଗିରିଆ ବ୍ଲକ ଏବଂ ଢେଙ୍କାନାଳ ବ୍ଲକର ୧୫ ହଜାର ଏକର ଜମିକୁ ଜଳସେଚନ ସୁବିଧା ମିଳିପାରିଛି । ସେହିପରି ଆଠମଲ୍ଲିକରେ ମନଯୋର ପ୍ରକଳ୍ପର ସଂପ୍ରସାରଣ ମଧ୍ୟ ସଂପୂର୍ଣ୍ଣ ହୋଇଛି । ଏହାଦ୍ୱାରା ଆଠମଲ୍ଲିକ ବ୍ଲକ ଓ ଏନଏସିର ୨୮ଟି ଗାଁର ୫ ହଜାର ଏକର ଜମିକୁ ଜଳସେଚନର ସୁବିଧା ମିଳିପାରିଛି। ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପ ଶେଷ ହୋଇଛି। ଜଳସେଚନ ପାଇଁ ଭୂତଳ ପାଇପ ଲାଇନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ଦେଇଛନ୍ତି । ଏହାଦ୍ୱାରା କଳାହାଣ୍ଡି ଜିଲ୍ଲାର କେସିଙ୍ଗା, କର୍ଲାମୁଣ୍ଡା ଓ ନର୍ଲା ବ୍ଲକର ୨୯ଟି ଗାଁର ୧୨,୫୦୦ ଏକର ଚାଷଜମିକୁ ଜଳସେଚନ ସୁବିଧା ମିଳିପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚାଷୀ ଭାଇଭଉଣୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ୫-ଟି ଉପକ୍ରମରେ ରାଜ୍ୟରେ ବିଭିନ୍ନ ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ଶେଷ କରାଯାଉଛି। ଗତ ଏକ ବର୍ଷ ମଧ୍ୟରେ ଅପର ଇନ୍ଦ୍ରାବତୀ, ଲୋୟର ଇନ୍ଦ୍ର, ଦେଓ, ସୁବର୍ଣ୍ଣରେଖା, ଲୋୟର ସୁକତେଲ ପରି ବଡ ବଡ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ କରାଯାଇ ପାଣି ଯୋଗାଇ ଦିଆଯାଉଛି । ମୁଖ୍ୟମନ୍ତ୍ରୀ କୃଷି ଓ କୃଷକଙ୍କ କଲ୍ୟାଣ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଚାଷୀର କଲ୍ୟାଣ ଓ କୃଷିର ବିକାଶକୁ ସେ ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ସେ ସବୁବେଳେ ଭୁବନେଶ୍ୱରରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀ ଭାଇ ଭଉଣୀମାନଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରୁଛନ୍ତି । ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣ ଯୋଜନା ସଫଳ ଭାବେ କାର୍ଯ୍ୟକାରୀ ହେଉଛି ବୋଲି ଜାଣି ସେ ଖୁସୀ ବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ କାଳିଆ ଯୋଜନା, ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା, ମାଗଣାରେ ଫସଲବୀମା ସୁବିଧା, ଚାଷୀ ପରିବାରର ପିଲାଙ୍କ ପାଇଁ ଛାତ୍ରବୃତ୍ତି ବ୍ୟବସ୍ଥା ଏବଂ ଚାଷୀ ଭାଇ ଭଉଣୀଙ୍କ ରୋଜଗାର ବୃଦ୍ଧି ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ବିଭିନ୍ନ କଲ୍ୟାଣକାରୀ ଓ ବିକାଶମୂଳକ ଯୋଜନା ସହ ରାଜ୍ୟର ଚାଷୀ ପରିବାର ଯୋଡି ହୋଇ ରହିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମରେ ଚାଷୀ ପରିବାରର ମା'ମାନେ ସବୁଠାରୁ ଅଧିକ ସାମିଲ ହୋଇଛନ୍ତି ବୋଲି ସେ କହିବା ସହିତ ଆମର ନୂଆ କାର୍ଯ୍ୟକ୍ରମ ଆମ ଓଡ଼ିଶା ନବୀନ ଓଡ଼ିଶା ଓ ଲକ୍ଷ୍ମୀ ଯୋଜନାରେ ଚାଷୀ ଭାଇ ଭଉଣୀମାନେ ସବୁଠାରୁ ଅଧିକ ଉପକୃତ ହେବେ ବୋଲି କହିଥିଲେ। ଚାଷୀ ଭାଇଙ୍କୁ ସାଥିରେ ଧରି ଆମେ ଆଗକୁ ବଢୁଛୁ। ଚାଷୀମାନେ ହେଉଛନ୍ତି ଆମ ଅର୍ଥନୀତିର ସାରଥୀ ବୋଲି କହି ସେମାନଙ୍କ ସହିତ ମୁଁ ସବୁବେଳେ ରହିଛି, ସେମାନଙ୍କ ପାଇଁ କାମ କରୁଛି ଓ କରୁଥିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବଲାଙ୍ଗୀରଠାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉପସ୍ଥିତ ରହି ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ ଯେ ଦାୟିତ୍ୱ ନେବାଠାରୁ ଏହି ୨୪ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ସବୁବେଳେ ଚାଷୀର ଉନ୍ନତି ଓ ସମୃଦ୍ଧିକୁ ଗୁରୁତ୍ୱ ଦେଇ ଆସିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁ ଜଳସେଚନ କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଘଟିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଉଦ୍ୟମ ବଳରେ ଆଜି ରାଜ୍ୟର କେବଳ ପୁରୁଷ ଚାଷୀମାନେ ନୁହେଁ, ମହିଳା ଚାଷୀମାନେ ମଧ୍ୟ ଆଗକୁ ଆସି କୃଷି କ୍ଷେତ୍ରରେ ସଫଳତା ପାଉଛନ୍ତି । ଢେଙ୍କାନାଳରେ ଉପସ୍ଥିତ କୃଷି ଓ କୃଷକ ସଶକ୍ତକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ୫୦ ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ଯାହା ହୋଇନଥିଲା, ୨୪ ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣି ମୁଖ୍ୟମନ୍ତ୍ରୀ ତାହା କରି ଦେଖାଇଛନ୍ତି । ଯଦି ଚାଷ ଜମିକୁ ସଠିକ ଭାବେ ଜଳସେଚନ ଯୋଗାଇ ଦିଆଯିବ ତେବେ କୃଷକର ସବୁ ସମସ୍ୟା ଦୂର ହୋଇଯିବ। ଏହି କଥାକୁ ହୃଦୟଙ୍ଗମ କରି ମୁଖ୍ୟମନ୍ତ୍ରୀ ଜଳସେଚନ କ୍ଷେତ୍ରର ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ। ଏହି ଅବସରରେ ଶ୍ରୀ ପାଣ୍ଡିଆନ ଉପସ୍ଥିତ ଚାଷୀ ଭାଇଭଉଣୀମାନଙ୍କୁ କହିଥିଲେ ଯେ ରାଜ୍ୟ କ୍ୟାବିନେଟରେ ନୂଆ-ଓ ଛାତ୍ରବୃତ୍ତି ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିରେ ଛାତ୍ର ମାନଙ୍କ ପାଇଁ ୯ ହଜାର ଓ ଛାତ୍ରୀମାନଙ୍କ ପାଇଁ ୧୦ ହଜାର ଟଙ୍କାର ବାର୍ଷିକ ବୃତ୍ତି ରହିଛି। ଏହି ଯୋଜନା ବିଷୟରେ ଆପଣମାନେ ଘରେ ପିଲାମାନଙ୍କୁ ଜଣାଅନ୍ତୁ ଓ ଏହାର ସୁଯୋଗ ଲାଭ କରନ୍ତୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡିରେ ଉପସ୍ଥିତ ବିଧାୟକ ଭୁପିନ୍ଦର ସିଂ ଏବଂ ଢେଙ୍କାନାଳରେ ଉପସ୍ଥିତ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟମନ୍ତ୍ରୀଙ୍କ ଏହି ଚାଷୀ ହିତୈଷୀ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଆଠମଲିକର ୨ଜଣ ଚାଷୀ ସନ୍ତୋଷ ଷଣ୍ଢ ଓ ତପନ ପାତ୍ର ପୂର୍ବରୁ ସେମାନେ ଚାଷ ପାଇଁ ବର୍ଷା ଜଳ ଉପରେ ନିର୍ଭର କରୁଥିଲେ, ଏବେ ମନଯୋର ପ୍ରକଳ୍ପ ମାଧ୍ୟମରେ ସଠିକ ଭାବେ ଚାଷ କରି ଜମିରୁ ଅଧିକ ଫସଲ ଅମଳ କରି ଲାଭବାନ ହେବେ ବୋଲି କହିଥିଲେ ଏବଂ ଏଥି ପାଇଁ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଜଳ ସମ୍ପଦର ବିକାଶକୁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି । କଳାହାଣ୍ଡି ଜିଲ୍ଲାର ସାନ୍ଦୁଲ ପ୍ରକଳ୍ପ ୫-ଟି ଉପକ୍ରମରେ ଆରମ୍ଭ ହୋଇ ଧାର୍ଯ୍ୟ ସମୟର ୫ ମାସ ପୂର୍ବରୁ ଶେଷ ହୋଇଛି । କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ ଗୁଡିକ ଚାଷୀ ଭାଇଭଉଣୀମାନଙ୍କ ପାଇଁ ବହୁ ଉପଯୋଗୀ ହେବ ବୋଲି ସେ କହିଥିଲେ। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଏସ୍‌କେୱାଇକୁ ...

ସ୍ୱାସ୍ଥ୍ୟସେବା ପ୍ରତିଶ୍ରୁତି ସୋସାଇଟି (ସାସ୍)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡାକ୍ତର ଡି. ବୃନ୍ଦା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭାନନ୍ଦ ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ସ୍କଚ୍ ଆୱାର୍ଡର ଅଧ୍ୟକ୍ଷ ସମୀର କୋଚରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜାତୀୟ ଓ ଆନ୍ତର୍ଜାତୀୟ ଅନୁଷ୍ଠାନମାନଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା, ସଫଳତା ଓ ସ୍ୱଚ୍ଛତା ପାଇଁ ବିଏସକେୱାଇକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନବସୃଜନ, ସର୍ବଜନୀନତା, ଉଲ୍ଲେଖନୀୟ ସଫଳତା ଏବଂ ସ୍ୱଚ୍ଛତା ପାଇଁ ବିଏସକେୱାଇକୁ ଏହି ପୁରସ୍କାରପ୍ରଦାନ କରାଯାଇଛି। ବିଏସକେୱାଇ ଓଡ଼ିଶାର ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦୃଶ୍ୟମାନ ରୂପାନ୍ତରଣ ଆଣିଛି । ରାଜ୍ୟର ସମସ୍ତ ୧୧୯.୮ ଲକ୍ଷ ପରିବାରର ପ୍ରାୟ ୪.୭୯ କୋଟି ଲୋକଙ୍କୁ ସରକାରୀ ଚିକିତ୍ସାଳୟମାନଙ୍କରେ ଦେୟମୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ରୋଗ ନିର୍ଣ୍ଣୟ ପରୀକ୍ଷା ନିରୀକ୍ଷା ଠାରୁ ଆରମ୍ଭ କରି ସ୍ପେସାଲିଟି ପରାମର୍ଶ ଏବଂ ଔଷଧ ଆଦି ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ଯୋଗାଇ ଦିଆଯାଉଛି । ଏହାଛଡା ଆର୍ଥିକ ସମ୍ବେଦନଶୀଳ ଓ ଦୁର୍ବଳ ୯୯.୩ ଲକ୍ଷ ପରିବାରର ସମସ୍ତ ୩.୫୬ କୋଟି ସଦସ୍ୟଙ୍କୁ ବିଏସକେୱାଇ ସ୍ମାର୍ଟ କାର୍ଡ ଯୋଗାଇ ଦିଆଯାଇଛି। ଯାହା ବଳରେ ସେମାନେ ତାଲିକାଭୁକ୍ତ ଘରୋଇ ସୁପର ସ୍ପେସାଲିଟି ହସ୍ପିଟାଲମାନଙ୍କରେ ପୂର୍ଣ୍ଣ ଦେୟମୁକ୍ତ ଚିକିତ୍ସା ପାଇପାରୁଛନ୍ତି । ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସମେତ ୧୭ଟି ରାଜ୍ୟରୁ ୮୧୬ ଘରୋଇ ହସ୍ପିଟାଲ ବିଏସକେୱାଇ ତାଲିକାଭୁକ୍ତ ହୋଇସାରିଲେଣି । ଯୋଜନାର ସ୍ୱଚ୍ଛତା, ଉପଯୁକ୍ତ ଚିକିତ୍ସା ପ୍ୟାକେଜ ଏବଂ ତୁରନ୍ତ ବିଲ୍ ପୈଠ ଆଦି ଯୋଗୁ ଅଧିକରୁ ଅଧିକ ଘରୋଇ ହସ୍ପିଟାଲ ଏଥିରେ ସାମିଲ ହେବା ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ତଥା ସାସର ଅଧ୍ୟକ୍ଷ ଶାଳିନୀ ପଣ୍ଡିତ ବିଏସକେୱାଇ ଟିମର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଏହି ଉପଲବ୍ଧି ପାଇଁ ଅଭିନନ୍ଦନ ଜଣାଇବା ସହ ଲୋକମାନଙ୍କୁ ସେବା ପ୍ରଦାନ ଦିଗରେ ସର୍ବଦା ସଜାଗ ଓ ତତ୍ପର ରହିବାକୁ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ, ବିଏସକେୱାଇ ଦ୍ୱିତୀୟ ଥର ପାଇଁ ଜାତୀୟ ସ୍କଚ ଆୱାର୍ଡରେ ସ୍ୱର୍ଣ୍ଣ ପଦ ହାସଲ କରିଛି। ଏହା ପୂର୍ବରୁ ବିଏସକେୱାଇକୁ ୨୦୧୯ ବର୍ଷ ପାଇଁ ମଧ୍ୟ ସ୍କଚ ସ୍ୱର୍ଣ୍ଣ ପଦ ମିଳିଥିଲା।

## ଅଜିତ ପାୱାରଙ୍କ ଦଳକୁ ...

ଏନସିପିର ନାଁ ଓ ନିର୍ବାଚନ ଚିହ୍ନ ବ୍ୟବହାର କରିପାରିବେ। ନିର୍ବାଚନ କମିଶନଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଶରଦ ପାୱାର। ଜାତୀୟତାବାଦୀ କଂଗ୍ରେସ ପାର୍ଟି ସୁପ୍ରିମୋ ଶରଦ ପାୱାର ତାଙ୍କ ପୁତୁରା ତଥା ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନେତୃତ୍ୱରେ ଗଠିତ ଦଳକୁ ପ୍ରକୃତ ଏନସିପି ଭାବରେ ସ୍ୱୀକୃତି ପ୍ରଦାନ କରିଥିବା ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି। ନିର୍ବାଚନ ଆୟୋଗ ଅଜିତ ପାୱାରଙ୍କ ଏନସିପିକୁ ଅସଲ ଏନସିପି ବୋଲି ସ୍ୱୀକୃତି ଦେବା ସହ ଏବେ ଶରଦ ପାୱାର ଗୋଷ୍ଠୀ ନୂଆ ଚିହ୍ନ ଓ ନାଁ ପାଇଁ ଆବେଦନ କରିବେ ବୋଲି ପ୍ରକାଶ କରିଥିଲେ। ୬ ମାସରୁ ଅଧିକ ସମୟ ଧରି ଚାଲିଥିବା ଶୁଣାଣିରେ ବିବାଦ ନେଇ ୧୦ ଥର ବୈଠକ କରିଥିଲେ ନିର୍ବାଚନ ଆୟୋଗ। ନିର୍ବାଚନ ଆୟୋଗ କହିଛନ୍ତି କି, ଅଜିତ ପାୱାର ଗୋଷ୍ଠୀ ପାଖରେ ଏନସିପିର ସଙ୍ଗଠନାତ୍ମକ ବହୁମତ ରହିଛି । ଶରଦ ପାୱାର ଗୋଷ୍ଠୀ ଏଥିରେ ଅସଫଳ ହୋଇଛି । ଗତବର୍ଷ ଅଜିତ ପାୱାର ଏନସିପିକୁ ଭାଙ୍ଗି ନିଜ ଗୋଷ୍ଠୀ ଗଠନ କରି ବିଜେପି-ଶିବସେନା (ସିନ୍ଦେ ଗୋଷ୍ଠୀ) ସରକାରରେ ସାମିଲ ହୋଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ...

ବିଧାୟକ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆଙ୍କ ନାମ ଦଳର ସଭାପତି ଘୋଷଣା କରିଥିଲେ। ଦେବାଶିଷ ସାମନ୍ତରାୟ ତିର୍ତ୍ତୋଲ ବିଧାନସଭା ଆସନରୁ ଥରେ ଏବଂ କଟକ-ବାରବାଟୀ ଆସନରୁ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ଦଳର ଜଣେ ବରିଷ୍ଠ ସଦସ୍ୟ ଭାବରେ ତାଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯାଇଛି। ସେହିପରି ଶୁଭାଶିଷ ଖୁଣ୍ଟିଆ ଛାତ୍ର ରାଜନୀତି ସହ ସମ୍ପୃକ୍ତ ଓ ପୁରୀ ଆଇନ ମହାବିଦ୍ୟାଳୟ ସଭାପତି ରହିଥିଲେ। ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ପରେ ସେ ସମ୍ପ୍ରତି ଯୁବ ବିଜେଡିର ଉପସଭାପତି ରହିଛନ୍ତି । ପୁରୀ ଜିଲ୍ଲାର ଜୀବନବିନ୍ଦୁ ଓ ଓଡ଼ିଶା ମୋ ପରିବାରର ସଂଯୋଜକ ଭାବରେ ସେ କାର୍ଯ୍ୟ କରିଛନ୍ତି । ଶ୍ରୀମନ୍ଦିର ସେବାୟତ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ଶୁଭାଶିଷ ଦଳ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ତଥା ମୁଖ୍ୟମନ୍ତ୍ରୀଙ୍କ ଅତ୍ୟନ୍ତ ଅନୁଗତ ଭାବରେ ପରିଚିତ। ଚଳିତ ମାସ ୨୭ ତାରିଖରେ ଓଡ଼ିଶାର ତିନିଟି ରାଜ୍ୟସଭା ଆସନ ସହିତ ୧୫ଟି ରାଜ୍ୟର ୫୬ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଚଳିତ ମାସ ୮ ତାରିଖରେ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ, ପ୍ରଶାନ୍ତ ନନ୍ଦ ଓ ଡ. ଅମର ପଟ୍ଟନାୟକଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ଶେଷ ହେଉଥିବାରୁ ଏହି ଆସନ ପାଇଁ ନିର୍ବାଚନ ଅନିବାର୍ଯ୍ୟ ହୋଇ ପଡ଼ିଛି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ରାଜ୍ୟରେ ଖାଲି ହେବାକୁଥିବା ୩ଟି ଆସନ ବିଜେଡି ଦଖଲ କରିବା ନିଶ୍ଚିତ। ଫେବ୍ରୁଆରୀ ୧୫ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ସେହିପରି ଫେବ୍ରୁଆରୀ ୧୬ରେ ପ୍ରାର୍ଥୀପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୦ ତାରିଖ ସୁଦ୍ଧା ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ୨୭ରେ ମତଦାନ ଆରମ୍ଭ ହେବାକୁ ଥିବାବେଳେ ସକାଳ ୯ଟାରୁ ଅପରାହ୍ଣ ୪ଟା ଯାଏଁ ମତଦାନ ପ୍ରକ୍ରିୟା ଚାଲିବ। ସେହି ଦିନ ସନ୍ଧ୍ୟା ୫ଟା ବେଳେ ଭୋଟ ଗଣତି ସହ ଫଳାଫଳ ଘୋଷଣା ହେବ ବୋଲି ନିର୍ଦ୍ଧାରିତ ହୋଇଛି।

## ପୁଣି ଭିଜିବ ଓଡ଼ିଶା...

ବର୍ତ୍ତମାନ ରାଜ୍ୟରେ ଏକ ଗୁରୁଚାପବଳୟ ସକ୍ରିୟ ରହିଥିବା ବେଳେ ବାୟୁମଣ୍ଡଳର ଉପରି ଭାଗରେ ଏକ ନିମ୍ନ ଚାପରେଖା ସୃଷ୍ଟି ହୋଇଛି । ଏହା ପ୍ରଭାବରେ ୧୪ ତାରିଖଠାରୁ ଉତ୍ତର ଓଡ଼ିଶାରେ ହାଲୁକା ବର୍ଷା ହେବ । ୧୫ ତାରିଖରେ ୨୫ଟି ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଏବଂ ୫ଟି ଜିଲ୍ଲାରେ ହାଲୁକା ବର୍ଷା ହେବ। ସେହିଭଳି ୧୬ ତାରିଖରେ ଦକ୍ଷିଣ ଓଡ଼ିଶାର ସବୁ ଜିଲ୍ଲାରେ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ୧୪ରେ ଘନ କୁହୁଡି ନେଇ ୧୨ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୧୫ ତାରିଖରେ ୧୦ଟି ଜିଲ୍ଲାକୁ ସତର୍କ କରାଯାଇଛି । ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ଅଧିକ ରହୁଥିବାରୁ ରାତ୍ରିର ତାପମାତ୍ରା ସ୍ୱାଭାବିକ ଠାରୁ ୩ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ବର୍ଷା ପ୍ରଭାବରେ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ଦିନର ବି ତାପମାତ୍ରା କମିବ।

## ଘରୋଇ ଉପଭୋକ୍ତାଙ୍କ ...

ଖୁସି ଖବର ଆସିଛି। ଗ୍ରୀଷ୍ମଦିନରେ ଏସି ଓ କୁଲରର ବ୍ୟବହାର ଯୋଗୁଁ ବିଦ୍ୟୁତ ବିଲ ଅଧିକ ଆସିବା ନେଇ ଚିନ୍ତାରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ମଙ୍ଗଳବାର ଘରୋଇ ଉପଭୋକ୍ତାଙ୍କ ପାଇଁ ବିଜୁଳି ଦର ହ୍ରାସ କରିଛନ୍ତି। ଘରୋଇ ଉପଭୋକ୍ତାଙ୍କ ପାଇଁ ପ୍ରତ୍ୟେକ ସ୍ଲାବରେ ୧୦ ପଇସା ହ୍ରାସ ହେବ ବୋଲି ଓଇଆରସି କହିଛନ୍ତି । ଘରୋଇ ବ୍ୟତୀତ ଅନ୍ୟ ସମସ୍ତ କାଟାଗରିରେ ଦର ଅପରିବର୍ତ୍ତିତ ରହିବ। ସେହିପରି ବିପିଏଲ ଉପଭୋକ୍ତାଙ୍କ ପାଇଁ ମାସିକ ଦେୟ ୮୦ରୁ ୭୦ ଟଙ୍କାକୁ ହ୍ରାସ ପାଇବ। ଇ-ବିଲ ଏବଂ ଇ ପେମେଣ୍ଟ କ୍ଷେତ୍ରରେ ଉପଭୋକ୍ତାଙ୍କୁ ୧୦ ଟଙ୍କା ରିହାତି ମିଳିବ। ସେହିପରି ଶୀତଳଭଣ୍ଡାର ପାଇଁ ୟୁନିଟ ପିଛା ୧ ଟଙ୍କା ୬୦ ପଇସା ହ୍ରାସ କରାଯାଇଛି ଏବଂ ଧାର୍ଯ୍ୟ ସମୟରେ ବିଲ୍ ପୈଠ କଲେ ୧୦ ପଇସା ରିହାତି ମିଳିବ। ପ୍ରିପେଡ ମିଟର ଉପଭୋକ୍ତାଙ୍କୁ ମଧ୍ୟ ୪ ପ୍ରତିଶତ ରିହାତି ମିଳିବ ବୋଲି ସୂଚନା ଦିଆଯାଇଛି।

## ବିଧାନସଭାକୁ ...

ପୁନର୍ବାର କିଏ ପ୍ରାର୍ଥୀ ହେବେ ଏବଂ ନିର୍ବାଚନ ଲଢିବେ, ସେ ନେଇ କୌଣସି ବିଧାୟକ ନିଶ୍ଚିତ ନୁହଁନ୍ତି। ସବୁ ଦଳରେ ଏହି ପ୍ରକାର ଅବସ୍ଥା। ଦଳର ନେତା ଯାହାକୁ ବାଛିବେ ବା ଟିକେଟ ଦେବେ, ସେ ନିର୍ବାଚନ ଲଢିବେ ଏବଂ ଜିତିଲେ ବିଧାନସଭାକୁ ଫେରିବେ। ଏହି ନ୍ୟାୟରେ ଏବେଠାରୁ ବିଧାୟକମାନେ ବ୍ୟସ୍ତ ହୋଇପଡ଼ିଲେଣି। ଏହି ଅଧିବେଶନରେ ଦେଖିବାକୁ ମିଳିଥିଲା-ମୁଖ୍ୟତଃ ବିରୋଧି ଦଳ ଉଭୟ ବିଜେପି ଏବଂ କଂଗ୍ରେସ ରାଜନୈତିକ ଦୃଷ୍ଟିକୋଣରୁ ସେମାନଙ୍କ ଅଭିଯୋଗ ଓ ଦାବୀ ଉପସ୍ଥାପନ କରି ସରକାରଙ୍କୁ ଘେରି ଥିବାବେଳେ ଶାସକ ଦଳ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିଲା। ପ୍ରଥମ ଦିନ ରାଜ୍ୟପାଳଙ୍କ ଅଭିଭାଷଣ ପରେ ବିରୋଧୀ ବିଜେପି କକ୍ଷତ୍ୟାଗ କରିଥିଲେ। ଏହାପରେ ଗୃହରେ ଦିବଂଗତ ପୂର୍ବତନ ରାଜ୍ୟପାଳ ଏମ୍.ଏମ୍ ରାଜେନ୍ଦ୍ରନ ଓ ଅନ୍ୟ ବିଧାୟକମାନଙ୍କ ଉଦ୍ଦେଶ୍ୟରେ ଶୋକ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଦ୍ୱିତୀୟ ଦିନରେ ବିରୋଧୀ ବିଜେପି ପକ୍ଷରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଅର୍ପଣ ରଥ ବୁଲିବା ଓ ଅରୁଆ ଚାଉଳ ସଂଗ୍ରହ କରିବା ପ୍ରସଙ୍ଗ ଉଠାଯାଇ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ସେହିପରି ପରୀ ଘଟଣା ନେଇ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିଥିଲେ। ତେବେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଦେବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧି ଦଳକୁ କଡ଼ା ଭାଷାରେ ଜବାବ ଦେବା ସହ ରାଜ୍ୟକୁ ବଦନାମ କରୁଥିବା ଓ ହୀନ ଅପପ୍ରଚାର ଚଳାଇଥିବା ବିରୋଧୀ ଦଳକୁ ରାଜ୍ୟବାସୀ କଦାପି କ୍ଷମା ଦେବେ ନାହିଁ ବୋଲି ଚେତାଇ ଦେଇଥିଲେ। ତେବେ ବିରୋଧି ଦଳର ହଟ୍ଟଗୋଳ ଯୋଗୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହେବାରୁ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ଏକାଧିକବାର ଗୃହ ମୁଲତବୀ ଘୋଷଣା କରିବାକୁ ପଡ଼ିଥିଲା। ସେହିପରି 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ବିରୋଧି ଦଳ ପକ୍ଷରୁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବ ନୋଟିସ ଉପରେ ଗୃହରେ ଆଲୋଚନା ହୋଇଥିଲେ ମଧ୍ୟ ବିଭାଗୀୟ ମନ୍ତ୍ରୀ ପ୍ରଦିପ କୁମାର ଅମାତ ବିରୋଧୀଙ୍କ ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିଥିଲେ। ଅଧିବେଶନରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହିସାବରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ଗୃହରେ ୧ ଲକ୍ଷ ୧୮ ହଜାର କୋଟି ଟଙ୍କାର କାମଚଳା ବଜେଟ (ଲେଖାନୁଦାନ) ଉପସ୍ଥାପିତ ହୋଇଥିଲା ଏବଂ ଏହା ଉପରେ ସରଗରମ ଆଲୋଚନା ମଧ୍ୟ ହୋଇଥିଲା। ଅଧିବେଶନର ୫ମ ଦିନରେ ଅର୍ଥାତ୍ ଶେଷ ଦିନରେ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ହେବା ପରେ ଗୃହରେ ଆଉ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନଥିବା ଦର୍ଶାଇ ସରକାରୀ ଦଳ ପକ୍ଷରୁ ଏହାର ପରିସମାପ୍ତି ପାଇଁ ବିଧିବଦ୍ଧ ପ୍ରସ୍ତାବ ଆସିଥିଲା। ବାଚସ୍ପତି ଶ୍ରୀମତୀ ମଲ୍ଲିକ ଏହା ଉପରେ ଗୃହର ମତ ଲୋଡ଼ିଥିଲେ ଏବଂ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ। ଏହା ପୂର୍ବରୁ ବିରୋଧୀ ଦଳ ବିଜେପି ପ୍ରତିବାଦରେ କକ୍ଷ ତ୍ୟାଗ କରି ଚାଲିଯାଇଥିଲେ। ବାଚସ୍ପତି ଗୃହ ମୁଲତବୀ ଘୋଷଣା କରିବା ପୂର୍ବରୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଗୃହର ପରିଚାଳନାରେ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ସଂକ୍ଷିପ୍ତ ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ସଂଗଠିତ ହେବାର ଦେଖିବାକୁ ମିଳିଥିଲା। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ଏହା ତାଙ୍କର ଶେଷ ଅଧିବେଶନ ବୋଲି ଘୋଷଣା କରିଥିଲେ। ଏହି ଅଧିବେଶନ କାଳରେ ବରିଷ୍ଠ ବିଧାୟକ ନରସିଂହ ମିଶ୍ର, ସୁରେଶ ରାଉତରାୟ, ସନ୍ତୋଷସିଂ ସାଲୁଜା, ତାରାପ୍ରସାଦ ବାହିନୀପତି, ଶାସକ ଦଳରୁ ଅମର ପ୍ରସାଦ ଶତପଥୀ, ପ୍ରଫୁଲ୍ଲ ସାମଲ, ଭୂପିନ୍ଦର ସିଂହ, ଡ. ଅରବିନ୍ଦ ଢାଲି, ଡ. ନୃସିଂହ ସାହୁ, ଦେବୀ ପ୍ରସାଦ ମିଶ୍ର, ବଦ୍ରି ନାରାୟଣ ପାତ୍ର ଏବଂ ବିଜେପିରୁ ମୋହନ ଚରଣ ମାଝୀ, କୁସୁମ ଟେଟେ, ଜୟନ୍ତ ଷଡ଼ଙ୍ଗୀ, ନବ ଚରଣ ମାଝୀ, ମୁକେଶ ମହାଲିଙ୍ଗ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭାଗ ନେଇଥିଲେ। ଅଧିବେଶନର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ଅନ୍ୟତମ ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ଏହି ବିଧାନସଭା ସେମାନଙ୍କର ଶେଷ ଏବଂ ଆଗକୁ ଆଉ ସେମାନେ ନିର୍ବାଚନ ଲଢିବେ ନାହିଁ ବୋଲି ଗୃହରେ ଘୋଷଣା କରିଥିଲେ। ୫ ଦିନରେ ଅଧିବେଶନ ସରିଯିବାରୁ ବିଧାୟକମାନେ ଏକ ପ୍ରକାର ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା ପରି ଜଣା ପଡୁଥିଲା।

ମୋ : ୯୪୩୮୩୩୬୩୧୭

# ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସାତକଡ଼ି ହୋତାଙ୍କ ଅବଦାନ ଅବିସ୍ମରଣୀୟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାତକଡ଼ି ହୋତା ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଜଣେ ଅନୁଷ୍ଠାନ। ତାଙ୍କର ବହୁମୁଖୀ ପ୍ରତିଭା ଯୋଗୁ ଓଡ଼ିଶାର ଭାଷା, ସାହିତ୍ୟ, ସଙ୍ଗଠନ, ସାମ୍ବାଦିକତା, ସାଂସ୍କୃତିକ ବିକାଶ ତଥା ଆର୍ଥିକ ବିକାଶ ଦିଗରେ ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ । ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହରେ 'ଓଡ଼ିଶା ଲେଖକ ସମବାୟ ସମିତି', 'ଲେଖକ ସାମ୍ମୁଖ୍ୟ', 'ମୁକ୍ତ ଚିନ୍ତନ ମଞ୍ଚ' ଓ 'ଅନନ୍ୟ ଜଗନ୍ନାଥ ସଂସ୍ଥାନ' ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ବକ୍ତାମାନେ ମତ ଦେଇ ସାତକଡ଼ି ହୋତାଙ୍କୁ ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଭାବେ ପ୍ରକାଶ କରିଥିଲେ। ସେ ଓଡ଼ିଶାର ବହୁ ସଂସ୍ଥାର ସଭାପତି ରୂପେ କାର୍ଯ୍ୟକରି ତାଙ୍କର ଦକ୍ଷତା ପ୍ରତିପାଦନ କରିପାରିଥିଲେ। ଜଣେ ସାହିତ୍ୟିକ ସ୍ରଷ୍ଟା ରୂପେ ପ୍ରାୟ ୭୦ଟି ପୁସ୍ତକ ରଚୟିତା ହୋଇ ବହୁ ସମ୍ମାନର ଅଧିକାରୀ ଥିଲେ । ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ଅବିସ୍ମରଣୀୟ। 'ସମୟ' ଖବର କାଗଜର ପ୍ରାରମ୍ଭରୁ ସମ୍ପାଦକ ରୂପେ କାର୍ଯ୍ୟନିର୍ବାହ କରି 'ଅମୃତାୟନ' ଭଳି ପତ୍ରିକାର ଦିଗ୍‌ଦର୍ଶକ ରୂପେ ୪୨ ବର୍ଷ ଧରି କାର୍ଯ୍ୟ କରି ଆସିଥିଲେ। ଓଡ଼ିଶାର ରେଳବାଇ କ୍ଷେତ୍ରରେ ବହୁ ପ୍ରକଳ୍ପ ସେ ରେଳବାଇରେ ଥିବା ସମୟରେ ଶୁଭାରମ୍ଭ କରିଥିଲେ । ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇଁ ତାଙ୍କର ଥିଲା ପ୍ରଥମ ପ୍ରଚେଷ୍ଟା। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆଙ୍କ ଉନ୍ନତି ପାଇଁ ସେ ବହୁ କାର୍ଯ୍ୟ କରିଥିଲେ। ସାରଳା ଦାସଙ୍କ ମହାଭାରତକୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଥିବା ସମୟରେ ଇଂରାଜୀରେ ଅନୁବାଦ କରିବାକୁ ପ୍ରଥମ ପ୍ରଚେଷ୍ଟା କରିଥିଲେ। ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଲେଖକ ସମବାୟ ସମିତିର କାର୍ଯ୍ୟକାରୀ ସଭାପତି ପୀତବାସ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭା ଆରମ୍ଭରେ 'ଲେଖକ ସମବାୟ ସମିତି'ର ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ କରିଥିଲେ ଓ ସମ୍ପାଦକ ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତି ସଂଯୋଜନା କରିଥିଲେ। ସଭାରେ 'ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସୀ ମଣ୍ଡଳ'ର ସଂପାଦକ ଶ୍ରୀ ପର୍ଶୁରାମ ଦ୍ୱିବେଦୀ ଓ ସଭାପତି ସୀତା ବଲ୍ଲଭ ମହାପାତ୍ର, 'ପୌରୁଷ'ର ସମ୍ପାଦକ ଶ୍ରୀ ଅସିତ ମହାନ୍ତି, ସାରଳା ସଂସଦର ସମ୍ପାଦକ ଶ୍ରୀ ପ୍ରଦୀପ୍ତ କୁମାର ବିଶ୍ୱାଳ, ଡାକ୍ତର ଅଶୋକ କୁମାର ମହାପାତ୍ର, ଡ. ଅଭୟ କୁମାର ନାୟକ, ଶ୍ରୀ ବିରଜା ପ୍ରସାଦ ଶତପଥୀ, ବୈଦ୍ୟରନ୍ ଗୋପାଳ ଚନ୍ଦ୍ର ନନ୍ଦ, ସିଦ୍ଧାର୍ଥ କାନୁନ୍‌ଗୋ, ଅଭୟ କୁମାର ସାମନ୍ତରାୟ, ସୁକାନ୍ତ କୁମାର ଦାସ, ତ୍ରିନାଥ ବାରିକ, ସୁବଳ ଚନ୍ଦ୍ର ଗିରି, କୈଳାସ ଚନ୍ଦ୍ର ରଥ, ପ୍ରଭାତ କୁମାର ଦାଶ, ସୁକାନ୍ତ ପ୍ରଧାନ, ଡ. ଆରତୀ କର, ମୀନତୀ ଷଡ଼ଙ୍ଗୀ, ରଜନୀ ରଣସିଂହ ଓ ଅମିତାପ୍ରଭା ସ୍ୱାଇଁ ଭାଗ ନେଇଥିଲେ। ପ୍ରାରମ୍ଭରୁ ସାତକଡ଼ି ହୋତାଙ୍କ ବିୟୋଗରେ ଦୁଇମିନିଟ୍ ପାଇଁ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ । ଶେଷରେ କୈଳାସ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଉପରେ ହାଇୱା ଚଢିଗଲା: ବାଇକ ଚାଳକ ମୃତ

**କନ୍ଧମାଳ, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫୁଲବାଣୀ ହନୁମାନ ମନ୍ଦିର ନିକଟରେ ବାଇକ୍ ଉପରେ ଚଢିଗଲା ହାଇୱା। ଏହି ହାଇୱା ସାମ୍ନାରେ ଯାଉଥିବା ଏକ ବାଇକକୁ ଧକ୍କା ଦେବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଶେଷଦେବ ନାୟକ(୨୮ ବର୍ଷ) ବୋଲି ଜଣାପଡିଛି। ସେ ଫୁଲବାଣୀ ସରକାରୀ ଆଇଟିଆଇ ନିକଟରେ ଘରଭଡା ନେଇ ରହୁଥିଲେ ଏବଂ ନିର୍ମାଣାଧୀନ ମେଡିକାଲ କଲେଜ କାମରେ ନିୟୋଜିତ ଥିଲେ । ସୂଚନାନୁଯାୟୀ, ଶେଷଦେବ ନାୟକ ସୋମବାର ସକାଳେ ନିଜ ଘରୁ ମେଡ଼ିକାଲ କଲେଜ ଆଡକୁ ଯାଉଥିବା ସମୟରେ ଏକ ହାଇୱା ତାଙ୍କ ବାଇକକୁ ପଛରୁ ଧକ୍କା ଦେଇଥିଲା। ସେ ଗାଡିରୁ ଛିଟିକି ପଡିବା ଯୋଗୁଁ ଗାଡି ଚକ ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା ହାଇୱା ମଧ୍ୟ ମେଡିକାଲ କଲେଜ କାମରେ ନିୟୋଜିତ ଥିବା ଜଣାପଡିଛି। ଗାଡି ସହ ଡ୍ରାଇଭର ଟାଉନ ଥାନାରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସୋନପୁର-ବୌଦ୍ଧ ରେଳ ସେକ୍ସନ ନିରୀକ୍ଷଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବତଟ ରେଳପଥ (ଇକୋଆର)ର ମହାପ୍ରବନ୍ଧକ ମନୋଜ ଶର୍ମା ଇତିମଧ୍ୟରେ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୋନପୁର ଏବଂ ବୌଦ୍ଧ ମଧ୍ୟରେ ଚାଲୁରହିଥିବା ରେଳ ଲାଇନ ପ୍ରକଳ୍ପର ନିର୍ମାଣାଧୀନ ରେଳ ଲାଇନ ସେକ୍ସନକୁ ନିରୀକ୍ଷଣ କରିଛନ୍ତି । ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଧିକାରୀ ମାନଙ୍କ ସହିତ ସମ୍ବଲପୁର ରେଳ ମଣ୍ଡଳର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ନିରୀକ୍ଷଣ ସମୟରେ ଶ୍ରୀ ଶର୍ମା ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଥିଲେ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜନକୈନ୍ଦ୍ରିକ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନ ଉଭୟ ପଶ୍ଚିମ ଓ ଉପକୂଳ ଓଡିଶାକୁ ସଂଯୋଗ କରିବା ସହିତ ଦୁର୍ଗମ ଅଞ୍ଚଳ ଜିଲ୍ଲା ମାନଙ୍କୁ ମଧ୍ୟ ସେବା ଯୋଗାଇବ ଯାହାର ନିର୍ମାଣ କାର୍ଯ୍ୟ ନିଜେ ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଜୀଙ୍କର ତୀକ୍ଷ୍ଣ ନଜରରେ ରଖାଯାଇଥିବା ପ୍ରକଳ୍ପ ଗୁଡ଼ିକର ଏକ ଅଂଶ।

ଏହି ପ୍ରକଳ୍ପର ମୋଟ ଦୈର୍ଘ୍ୟ ୩୦୧ କିମି ମଧ୍ୟରୁ ଏପର୍ଯ୍ୟନ୍ତ ମୋଟ ୧୫୨.୮୦୫ କିମି ରେଳ ଲାଇନ କାର୍ଯ୍ୟ ସମ୍ପାଦନ ହୋଇସାରିଛି ଏବଂ ଏହା ରେଳ ସେବା ଦ୍ୱାରା ଯାତ୍ରୀ ମାନଙ୍କୁ ସୁବିଧା ପ୍ରଦାନ କରାଯାଇଅଛି । ଏହି ପ୍ରକଳ୍ପ ଶୀଘ୍ର ଶେଷ ହେବା ପାଇଁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀରରୁ ଏହି ଲାଇନ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଜାରି ରଖିଛି । ଖୋର୍ଦ୍ଧା ରୋଡ଼ ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିମି ଏବଂ ବଲାଙ୍ଗୀରରୁ ସୋନେପୁର ପର୍ଯ୍ୟନ୍ତ ୪୭ କିମି କାର୍ଯ୍ୟ ସମାପ୍ତ ହୋଇସାରିଛି । ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କିମି ଦୈର୍ଘ୍ୟ ନୂତନ ରେଳପଥର କାର୍ଯ୍ୟ ଦ୍ରୁତଗତିରେ ଚାଲୁରହିଥିବାବେଳେ ଆସନ୍ତା ଦୁଇମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ସମୟ ଧାର୍ଯ୍ୟ ରଖାଯାଇଅଛି । ଅବଶିଷ୍ଟ ରେଳପଥ ନିର୍ମାଣ କାର୍ଯ୍ୟ ଅର୍ଥାତ୍ ଦଶପଲ୍ଲା ଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ୭୫ କିଲୋମିଟରର ନିର୍ମାଣ କାର୍ଯ୍ୟ ଡିସେମ୍ବର ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଆଶା କରାଯାଉଛି ।

# ଝାରସୁଗୁଡାରେ ୧୨ଘଣ୍ଟିଆ ବନ୍ଦ : ଜୀବନଯାତ୍ରା ବାଧାପ୍ରାପ୍ତ

**ଝାରସୁଗୁଡା ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ୧୨ ଘଣ୍ଟିଆ ଝାରସୁଗୁଡା ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ ଡାକରା ଯୋଗୁଁ ଛାତ୍ର ସାମ୍ମୁଖ୍ୟର କର୍ମକର୍ତ୍ତାମାନେ ପୁରୁଣା ବସଷ୍ଟାଣ୍ଡ, ସହର ବିଭିନ୍ନ ଛକରେ ପିକେଟିଂ କରି ବନ୍ଦ କରିଥିଲେ। ବନ୍ଦ ଡାକରା ଯୋଗୁଁ ସହରର ଦୋକାନ ବଜାର, କଲେଜ, ସ୍କୁଲ, ବିଦ୍ୟାଳୟ, ବ୍ୟାଙ୍କ ବନ୍ଦ ରହିଥିବା ବେଳେ ବସ ଚଳାଚଳ ମଧ୍ୟ ବନ୍ଦ ରହିଥିଲା । ଝାରସୁଗୁଡା ଜିଲ୍ଲା ଗଠନ ହେବା ୩୧ ବର୍ଷ ଓ ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଗୋଟିଏ ସରକାରୀ କଲେଜ ନାହିଁ କିମ୍ବା ପିଜି, ବିଇଡି ପାଠ୍ୟକ୍ରମ ମଧ୍ୟ ଜିଲ୍ଲାର କୌଣସି ମହାବିଦ୍ୟାଳୟ ରେ ନାହିଁ । ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନାହାନ୍ତି ବୋଲି ଜିଲ୍ଲା ଛାତ୍ର ସାମ୍ମୁଖ୍ୟ ଅଭିଯୋଗ କରିଛି । ଜିଲ୍ଲାର ପ୍ରମୁଖ ଛାତ୍ର ସଂଗଠନ ଛାତ୍ର ସାମ୍ମୁଖ୍ୟ ଆଜି ଜିଲ୍ଲାର ସର୍ବ ପୁରାତନ ମହାବିଦ୍ୟାଳୟ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ସମ୍ପୂର୍ଣ୍ଣ ସରକାରୀ କରଣ ଓ ପି.ଜି, ବି.ଇ.ଡି ପାଠ୍ୟକ୍ରମ ଆରମ୍ଭ, ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟକୁ ମହାବିଦ୍ୟାଳୟରେ ଉନ୍ନିତ କରିବା ପ୍ରଭୃତି ବିଭିନ୍ନ ଦାବି ନେଇ ସାମ୍ମୁଖ୍ୟ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ସାମ୍ମୁଖ୍ୟର କେନ୍ଦ୍ରୀୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, ଅସୀମ ପଟେଲ, ରବି ରୋହିଦାସ, ନନ୍ଦୁ ରୋହିଦାସ, ନେତୃତ୍ୱ ନେଇଥିବା ବେଳେ ଛାତ୍ର ନେତା ସମ୍ବିତ ନାଏକ, ବଳରାମ ରୋହିଦାସ,ରୁପେଶ ଟପ୍ପୋ, ଭୁବନ କିସାନ, ମନୀଷ ମାଝୀ ,ବାପି ନାଏକ, ପିଣ୍ଟୁ ପ୍ରଧାନ, ମନୋଜ କିଷାନ, ଶିବା ଜୟପୁରୀୟ, ରାଜେଶ ବେହେରା, ପ୍ରମୁଖ ସହଯୋଗ କରିଥିଲେ । ଏହି ଆନ୍ଦୋଳନ କୁ କୋଶଲ ସେନା, ଓକିଲ ସଂଘ, ବଣିକ ସଂଘ, ଆଦିବାସୀ ସଂଘ, ଡ୍ରାଇଭ ମହା ସଂଘ,ବିଭିନ୍ନ ସାମାଜିକ ସଂଗଠନ ଓ ରାଜନୈତିକ ଦଳ ସମର୍ଥନ କରିଥିଲେ। ବିରଞ୍ଚି ସାହୁ, ହୀରା ଲାଲ ଲୋକଚନ୍ଦାନୀ ଗୋପୀନାଥ ମାଝୀ, ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ରାଧେଶ୍ୟାମ ପ୍ରଧାନ, ରଘୁନନ୍ଦନ ପଣ୍ଡା, ସୁରେଶ ତ୍ରିପାଠୀ, ସୁରେନ୍ଦ୍ର ସାହୁ, ବିନୋଦ ବାଗ, ଦେବାନନ୍ଦ ବାରିକ, ସିଆରାମ ଦାସ, ଗଣେଶ ମଟାରୀ, ଆକାଶ କୁମାର କଲେଟ ପ୍ରମୁଖ ଯୋଗ ଦେଇଥିଲେ ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଭାଷାବିତ୍ ପ୍ରୟାଗଦତ୍ତ ଜୋଷୀଙ୍କ ଜୟନ୍ତୀ ସମାରୋହ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ଭାଷାବିତ୍ ସ୍ୱର୍ଗତଃ ପ୍ରୟାଗଦତ୍ତ ଜୋଷୀଙ୍କ ଜୟନ୍ତୀ ପାଳିତ ହୋଇଛି । ଏହି ଜୟନ୍ତୀ ସମାରୋହ ଅବସରରେ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଓଡ଼ିଶାର ଆଞ୍ଚଳିକ ଭାଷାର ଗୁରୁତ୍ୱ ସଂପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ ସମଗ୍ର ଓଡ଼ିଶାର ଆଞ୍ଚଳିକ ଭାଷା ସଂପର୍କିତ ଏକ ଗବେଷଣାତ୍ମକ ସଂକଳନ ବିଶ୍ୱବିଦ୍ୟାଳୟର ପକ୍ଷରୁ ପ୍ରକାଶ ପାଇବ ବୋଲି ପ୍ରକାଶ କରିଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷାହିଁ ଭବିଷ୍ୟର ପ୍ରାସଙ୍ଗିକତା ଓ ଭାଷା ପ୍ରୀତିର ଆବଶ୍ୟକତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଶିଷ୍ଟ ଅତିଥିଭାବେ ଯୋଗଦେଇ ବରିଷ୍ଠ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଓଡ଼ିଆ ଭାଷାର ଐତିହାସିକତା ଓ ଓଡ଼ିଆ ଭାଷାର ଆନ୍ଦୋଳନ ସଂପର୍କରେ ସୂଚନା ଦେବା ସହ ଜ୍ଞାନ ଆହରଣ ନିମନ୍ତେ ଭାଷାକୁ ଭଲପାଇବା ନିମନ୍ତେ ପରାମର୍ଶ ଦେଇଥିଲେ । ସେହିଭଳି ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାର ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଓ କାର୍ଯ୍ୟକ୍ରମ ଉପଦେଷ୍ଟା ଡ. ଫଣିନ୍ଦ୍ର ଭୂଷଣ ନନ୍ଦ ସମସାମୟିକ ସମାଜରେ ଭାଷାର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିବା ସହ ସ୍ୱର୍ଗତ ପ୍ରୟାଗଦତ୍ତଙ୍କ ରଚନା ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଆଲୋଚକଭାବେ ଡ଼ଃ ସୁଶାନ୍ତ କୁମାର ବିଶି ଓ ଶ୍ରୀ ଲୋହିତାକ୍ଷ ଜୋଷୀ କୋଶଳୀ ଭାଷାକୁ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ପ୍ରୟାଗଦତ୍ତଙ୍କ ସାମଗ୍ରିକ ସାହିତ୍ୟ ସଂପର୍କରେ ଆଲୋଚନା କରିଥିଲେ । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତଭାଷଣ ଓ ଅତିଥି ପରିଚୟ ଦେଇଥିବାବେଳେ ବିଭାଗୀୟ ମୁଖ୍ୟ ଡ.ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରଥିଲେ । ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ବକ୍ତୃତା ଓ ଶୁଦ୍ଧ ଲିଖନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଜ୍ଞାନରଂଜନ ପଣ୍ଡା । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ୧୯ତମ ପାତାଳୀ ମହୋତ୍ସବ ଉଦଘାଟିତ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ପ୍ରସିଦ୍ଧ ପୀଠ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇ ଠାରେ ଆଜି ୧୯ତମ ପାତାଳୀ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଂ, ଡେପୁଟି କଲେକ୍ଟର ଉପେନ୍ଦ୍ର କୁମାର ଦାଶ ଓ ଉଲୁଣ୍ଡା ବିଡ଼ିଓ କରିସ୍ମା ବେସ୍ରା ଯୋଗ ଦେଇଥିଲେ। ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବ ୧୦ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହୋତ୍ସବ ଅବସରରେ ଭାଗବତ ସପ୍ତାହ ପାରାୟଣ, ୫୬ପ୍ରହରୀ ନାମଯଜ୍ଞ, ଘୃତଯଜ୍ଞ ଆରମ୍ଭ ହୋଇଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ପଦ୍ମମୁଖ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ରର ଏକ ଲୋଗୋ ଜିଲ୍ଲାପାଳ ଅନ୍ୟାଦାଶଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ୍ ଖୁଣ୍ଟୁଲାପାଲି, ବାଘପାଲି ୟୁପି ସ୍କୁଲ, ହରିଣାପାଲି ୟୁପି ସ୍କୁଲ, ଖୁଣ୍ଟୁଲାପାଲି ୟୁପି ସ୍କୁଲ, କୋଟସମଲାଇ ୟୁପି ସ୍କୁଲ, ଶ୍ରୀ ଜଗନ୍ନାଥ ଏକାଡେମୀ କୋଟସମଲାଇ ହାଇସ୍କୁଲ ଆଦି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଭୁବନେଶ୍ୱର
୧୪ ଫେବୃଆରୀ
ବୁଧବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24







ଯାଜପୁର ଜିଲ୍ଲା ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା' ଅଧକ୍ଷ ଭି.କେ. ପାଣ୍ଡିଆନ ବିକାଶ କାର୍ଯ୍ୟ ସମୀକ୍ଷା କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । (ଫଟୋ : ସମ୍ବାଦ କଳିକା)

# ନାଲ୍କୋର ୧୩୭% ଅଭିବୃଦ୍ଧି ସହ ୪୮୮ କୋଟି ଟଙ୍କାର ନିଟ୍ ଲାଭ



ଭୁବନେଶ୍ୱର, ୧୩/୨ ନ୍ୟୁଜ ବ୍ୟୁରୋ

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ କମ୍ପାନୀ ତଥା ଦେଶର ଅନ୍ୟତମ ଅଗ୍ରଣୀ ଆଲୁମିନା ଓ ଆଲୁମିନିୟମ ଉତ୍ପାଦନକାରୀ ଏବଂ ରପ୍ତାନୀକାରୀ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ଼ (ନାଲ୍କୋ) ପକ୍ଷରୁ ଡିସେମ୍ବର ୨୦୨୩ରେ ଶେଷ ହୋଇଥିବା ତୃତୀୟ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି । ଆର୍ଥିକ ଫଳାଫଳ ଅନୁସାରେ, ଗତ ତ୍ରୈମାସରେ କମ୍ପାନୀର ଲାଭ ୪୮୮ କୋଟି ଟଙ୍କା ହୋଇଛି । ମଙ୍ଗଳବାର ଭୁବନେଶ୍ୱରଠାରେ ଅନୁଷ୍ଠିତ କମ୍ପାନୀର ବୋର୍ଡ଼ସ୍ତରୀୟ ବୈଠକରେ ଉପସ୍ଥାପିତ ଆର୍ଥିକ ଫଳାଫଳ ଅନୁସାରେ କମ୍ପାନୀ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ କ୍ରମାଗତ ଭାବେ ୧୩୭ ପ୍ରତିଶତ ଲାଭ କରିଅଛି । ସୂଚନାଯୋଗ୍ୟ ଯେ, ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ଲାଭ ୨୦୬ କୋଟି ଟଙ୍କା ଥିଲା । ଡିସେମ୍ବର ୨୦୨୩ ର ନଅ ମାସ ମଧ୍ୟରେ କମ୍ପାନୀର ମୋଟ ଲାଭ ୧୦୪୪ କୋଟି ଟଙ୍କା ହୋଇଥିବା ବେଳେ, ପୂର୍ବ ଆର୍ଥିକ ବର୍ଷର ସମାନ ନଅ ମାସରେ ମୋଟ ଲାଭ ୧୦୨୩ କୋଟି ଟଙ୍କା ଥିଲା । ଆର୍ଥିକ ବର୍ଷ ୨୦୨୩ ର ତୃତୀୟ ତ୍ରୈମାସିକ ଆୟ ୩୩୫୮ କୋଟି ଟଙ୍କା ତୁଳନାରେ ଚଳିତ ଆର୍ଥିକ ବର୍ଷରେ ତୃତୀୟ ତ୍ରୈମାସିକ ଆୟ ୩୩୯୮ କୋଟି ଟଙ୍କା ହୋଇଛି । ସର୍ବକାଳିନ ସର୍ବାଧିକ ୩,୪୫,୦୮୬ ମେଟ୍ରିକ ଟନ୍ ଧାତୁ ଉତ୍ପାଦନ ସହ କମ୍ପାନୀ ଆର୍ଥିକ ବର୍ଷ ୨୦୨୪ର ତୃତୀୟ ତ୍ରୈମାସ ସୁଦ୍ଧା ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସେହିପରି ବିକ୍ରି କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ନଅ ମାସ ମଧ୍ୟରେ ସର୍ବକାଳୀନ ସର୍ବାଧିକ ୩,୪୯,୪୧୯ ମେଟ୍ରିକ ଟନ୍ ଧାତୁ ବିକ୍ରି ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ କମ୍ପାନୀ ପକ୍ଷରୁ ଇକ୍ୱିଟି ସେୟାର ପିଛା ୨ ଟଙ୍କା ହିସାବରେ ଦ୍ୱିତୀୟ ମଧ୍ୟବର୍ତ୍ତୀ ଡିଭିଡେଣ୍ଡ ଘୋଷଣା କରାଯାଇଛି ।

# ୧୬ରୁ ଜନତା ମଇଦାନରେ ମତ୍ସ୍ୟ -ପ୍ରାଣୀ ସମାବେଶ

ଭୁବନେଶ୍ୱର, ୧୩/୨ ନ୍ୟୁଜ ବ୍ୟୁରୋ



ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ର ରାଜ୍ୟର ଚାଷୀଙ୍କ ଆୟ ବହୁଗୁଣିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧି ମାଧ୍ୟମରେ ଚାଷୀ, ଉଦ୍ୟୋଗୀ ଏବଂ ମହିଳା ସ୍ୱୟଂ ସାହାଯିକା ଗୋଷ୍ଠୀମାନଙ୍କ ପାଇଁ ଅଭିବୃଦ୍ଧିର ପରବର୍ତ୍ତୀ ପୁର ଭାବରେ ରାଜ୍ୟ ସରକାର ଏହି କ୍ଷେତ୍ରକୁ ଚିହ୍ନଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି କୃଷକମାନଙ୍କୁ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ବିଷୟରେ ସଚେତନ କରାଇବା ପାଇଁ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ଆୟୋଜନ କରୁଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ମତ୍ସ୍ୟ- ପ୍ରାଣୀ ସମାବେଶ ଓଡ଼ିଶା ୨୦୨୪ ଉପଲକ୍ଷେ କୃଷି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଏହି ସମାବେଶ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ଗୋପାଳକ, ପ୍ରାଣୀପାଳକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟବସାୟିକ ସଂସ୍ଥା, କୃଷି ଉଦ୍ୟୋଗୀ, ସେବା ପ୍ରଦାନକାରୀ ସଂସ୍ଥା ଓ ଶିଳ୍ପଗୁଡ଼ିକ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଏକ ମଞ୍ଚ ପ୍ରସ୍ତୁତ କରିବା ସହ ମତ୍ସ୍ୟ ଓ ପ୍ରାଣୀପାଳନର ସର୍ବୋତ୍ତମ ଉତ୍ପାଦ ଓ ଅନୁଶୀଳନକୁ ପ୍ରଦର୍ଶନ କରିବା ପାଇଁ ଲକ୍ଷ୍ୟ ରଖିଛି । 'କଲେ ମଧ - ପ୍ରାଣୀପାଳନ, ଆୟ ହୋଇବ ବହୁଗୁଣ' ଥିମ୍‌କୁ ନେଇ ଏହି ସମାବେଶ ୧୬ରୁ ୧୮ ଫେବୃୟାରୀ ୨୦୨୪ ପର୍ଯ୍ୟନ୍ତ ତିନିଦିନ ଧରି ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବ । ସଂପ୍ରତି ଜିଲ୍ଲା ସ୍ତରରେ ଆୟୋଜିତ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳାର ସଫଳ ଆୟୋଜନ ଓ ଏଥି ପ୍ରତି ଚାଷୀ ଓ ଜନସାଧାରଣଙ୍କ ଆଗ୍ରହକୁ ଲକ୍ଷ୍ୟରେ ରଖି ରାଜ୍ୟସ୍ତରରେ ମତ୍ସ୍ୟ- ପ୍ରାଣୀ ସମାବେଶର ଆୟୋଜନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ପୁଣି କହିଛନ୍ତି ଯେ ମାଛଚାଷ ଓ ପ୍ରାଣୀପାଳନ ସଂପ୍ରତି ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଓ ସଶକ୍ତ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛି । ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ରାଜ୍ୟ ସରକାର ଜେଣ୍ଡର ବଜେଟିଂ କାର୍ଯ୍ୟକାରୀ କରୁଛନ୍ତି । ଏହା ଅନ୍ତର୍ଗତ କିଛି କାର୍ଯ୍ୟକ୍ରମର ୧୦୦ ପ୍ରତିଶତ ଏବଂ ଆଉ କିଛି କାର୍ଯ୍ୟକ୍ରମରେ ଅତି କମରେ ୩୦% କେବଳ ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏହି ସମାବେଶରେ ପ୍ରତି ବ୍ଲକ୍‌ରୁ ୨୦ ଜଣ ଚାଷୀ ମିଶାଇ ୬,୦୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଚାଷୀ, ପ୍ରାଣୀପାଳକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ଉଦ୍ୟୋଗୀମାନେ ଯୋଗଦେବେ । ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ, ଆଇସିଏଆ. ୱାଲର୍ଡ ଫିସ୍, ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ, ବେସରକାରୀ ସଂଗଠନକୁ ସାମିଲ କରି ବୈଷୟିକ ଅଧିବେଶନ, କୃଷକ-ବୈଜ୍ଞାନିକ ଆଲୋଚନା, ସେମିନାର, ଅତ୍ୟାଧୁନିକ ଯନ୍ତ୍ରପାତିର ପ୍ରଦର୍ଶନ, ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ, ଅଭିଜ୍ଞତା ବଣ୍ଟନ ଆଦି କାର୍ଯ୍ୟକ୍ରମ କରାଯାଉଛି । ପ୍ରାୟ ୨୦୦ ଚାଷୀ ଏବଂ ଉଦ୍ୟୋଗୀଙ୍କୁ ମତ୍ସ୍ୟ ଏବଂ ପ୍ରାଣୀପାଳନ କ୍ଷେତ୍ରରେ ସେମାନଙ୍କର ସଫଳତା ପାଇଁ ଚାମ୍ପିଅନ୍ ଭାବରେ ପୁରସ୍କୃତ କରାଯିବ । ଶ୍ରେଷ୍ଠ ବିଭାଗୀୟ ଅଧିକାରୀ ମାନଙ୍କୁ ମଧ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରର ବିକାଶରେ ଅବଦାନ ପାଇଁ ସମ୍ମାନିତ କରାଯିବ । ରାଜ୍ୟର ୨୪୦୦ ଅଗ୍ରଣୀ କୃଷକ/ଉଦ୍ୟୋଗୀ/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ କୃଷି ଉପରେ ୧୨ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରିବେ । ଦେଶର ବିଭିନ୍ନ ସ୍ଥାନରୁ ଏବଂ ବିଦେଶରୁ ପ୍ୟାନେଲିଷ୍ଟ ଦୁଗ୍ଧ ଉତ୍ପାଦନ ଏବଂ ମୂଲ୍ୟଯୁକ୍ତ ବ୍ୟବସ୍ଥା, ଛେଳିମେଣ୍ଢା ଫାର୍ମିଂ ମାଧ୍ୟମରେ କୃଷକଙ୍କ ଆୟବୃଦ୍ଧି, ଉଦ୍ୟୋଗ ବିକାଶ ପାଇଁ ବାୟୋ-ଫ୍ଲକ୍ ଏବଂ କେଜ୍ ପଦ୍ଧତିରେ ମାଛଚାଷ ପରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବେ ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ସ୍ୱେଶାଲ ସ୍କ୍ୱାର୍ଡ ଜାଲରେ ଆନ୍ତରାଜ୍ୟ ଗାଡ଼ି ଲୁଟେରା ଗ୍ୟାଙ୍ଗ

ଭୁବନେଶ୍ୱର, ୧୩/୨ ନ୍ୟୁଜ ବ୍ୟୁରୋ

ସ୍ୱେଶାଲ ସ୍କ୍ୱାର୍ଡ ଜାଲରେ ଆନ୍ତରାଜ୍ୟ ଗାଡି ଲୁଟେରା ଗ୍ୟାଙ୍ଗ । ଦାମୀ ଗାଡି ଲୁଟୁଥିଲେ ସମ୍ଭ୍ରାନ୍ତ ଘରର ମହିଳା । ୨ ମହିଳାଙ୍କ ସମେତ ୫ ଜଣଙ୍କୁ ଅଟକ ରଖିଲା ପୋଲିସ । ଫର୍ଚ୍ୟୁନର, ସ୍ୱିଫ୍ଟ, ହୋଣ୍ଡାସିଟି ଭଳି ଦାମୀ ଗାଡି ଚୋରାଉଥିଲେ ଅଭିଯୁକ୍ତ । ଜବତ ହେଲା ୨୫ ଦିନ ତଳର ନୂଆ ଫର୍ଚ୍ୟୁନର । ଅନ୍ୟ ଗାଡି ଗୁଡିକୁ ଧରିବା ପାଇଁ ଚଢ଼ଉ ଜାରି ରହିଛି । ଚୋରି ହୋଇଥିବା ଗାଡି ଧରିବା ପାଇଁ ଭୁବନେଶ୍ୱରରେ ଦିଲ୍ଲୀ ପୋଲିସ । ଦିଲ୍ଲୀ ବ୍ୟତୀତ ଅନ୍ୟ ରାଜ୍ୟର ଚୋରି ନେଇ ସୂଚନା ମିଳିଛି । ଗିରଫ ଅଭିଯୁକ୍ତ ହେଲେ ତାମିଲନାଡୁର ଯାହିଦ ହୁସେନ ଓ ସବାନା ସୀଦ୍ଦିକି । ପଶ୍ଚିମବଙ୍ଗର ଇସାନ ୱାର୍ସି, ଏମ.ଡି.ଫରାଜ ୱାର୍ସି ଓ ସମନ୍ତା ନସରିନ ବେଗମ । ପୋଲିସକୁ ଭୁଆଁ ବୁଲାଇବା ପାଇଁ ଫେକ ନମ୍ବର ପ୍ଲେଟ ବ୍ୟବହାର କରୁଥିଲେ । ଅଭିଯୁକ୍ତଙ୍କ ଠାରୁ ୫ଟି ନମ୍ବର ପ୍ଲେଟ ଜବତ କରାଯାଇଛି ।

## ଜାତୀୟ ସମ୍ମିଳନୀ 'ଅପାର୍: ୱାନ୍ ନେସନ୍ ୱାନ୍ ଷ୍ଟୁଡେଣ୍ଟ୍ ଆଇଡି କାର୍ଡ'ର ଲୋକାର୍ପଣ କଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩/୨ ନ୍ୟୁଜ ବ୍ୟୁରୋ




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ କଳ୍ପନାରେ ଦେଶରେ ୨୫ କୋଟି ଅପାର୍ ଆଇଡି ତିଆରି ହେବା ଏକ ବଡ ଉପଲବ୍ଧି ବୋଲି ମଙ୍ଗଳବାର ନୂଆଦିଲ୍ଲୀରେ 'ଅପାର: ୱାନ୍ ନେସନ୍ ୱାନ୍ ଷ୍ଟୁଡେଣ୍ଟ୍ ଆଇଡି କାର୍ଡ' ଶୀର୍ଷକ ଜାତୀୟ ସମ୍ମିଳନୀକୁ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଦ୍ୟାର୍ଥୀଙ୍କ ଛାତ୍ର ଜୀବନରେ ଆଇଡି କାର୍ଡ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଆଇଡିକୁ ଗୌରବର ସହ ସେମାନେ ପାଖରେ ରଖିଥାନ୍ତି । ଦେଶର ପ୍ରଗତି ଭଳି ଆଇଡି କାର୍ଡର ମଧ ବିକଶିତ ହୋଇଛି । ସାମ୍ପ୍ରତିକ ବର୍ଷ ଗୁଡ଼ିକରେ ୧୬ଟି ଦେଶରେ ଏଭଳି ୫୩ଟି ଡିପିଆଇ ବିକଶିତ ହୋଇଛି, ସେଥିମଧ୍ୟରୁ ୧୯ଟି କେବଳ ଭାରତରେ ହୋଇଛି । ଅପାର ଆଇଡି କାର୍ଡ ଏକ ସମ୍ମାନଜନକ, ବିଶ୍ୱାସୀ ଓ ଆକାଂକ୍ଷା ଭଳି ଡକ୍ୟୁମେଣ୍ଟ । ଏହି ଅବସରରେ ଶ୍ରୀ ପ୍ରଧାନ ଅପାର ଆଇଡି, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ ଏବଂ ଡିଜି ଲକରର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ କ୍ଷେତ୍ର ଯଥା ସ୍ୱୟଂ, ଦୀକ୍ଷା ଇତ୍ୟାଦି ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ଦ ଅଟୋମେଟେଡ୍ ପରମାନେଟ୍ ଏକାଡେମିକ୍ ଆକାଉଣ୍ଟ ରେଜିଷ୍ଟ୍ରି (ଅପାର) ହେଉଛି ୨୦୨୦ର ଜାତୀୟ ଶିକ୍ଷା ନୀତି (ଏନଇପି) ଏବଂ ନ୍ୟାସନାଲ କ୍ରେଡିଟ୍ ଆଣ୍ଡ କ୍ୱାଲିଫିକେସନ ଫ୍ରେମୱାର୍କ (ଏନସିଆରଏଫ) ସହିତ ସମନ୍ୱୟ ରକ୍ଷା କରି ଆରମ୍ଭ କରାଯାଇଥିବା ଏକ ପରିବର୍ତ୍ତନମୂଳକ ପଦକ୍ଷେପ । ଏହାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଛାତ୍ରଙ୍କୁ ଏକ ଅଭିନବ ଏବଂ ସ୍ଥାୟୀ ୧୨ ଅଙ୍କ ବିଶିଷ୍ଟ ପରିଚୟପତ୍ର ପ୍ରଦାନ କରି ସମଗ୍ର ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ ସମାନ ଏବଂ ଉପଲବ୍ଧ ଶୈକ୍ଷିକ ଅଭିଜ୍ଞତା ପ୍ରଦାନ କରିବା ତଥା ସେମାନଙ୍କର ଶିକ୍ଷାଗତ ସଫଳତାକୁ ଗୋଟିଏ ସ୍ଥାନରେ ସୁଦୃଢ଼ କରିବା ।

## କାର୍‌ରୁ ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ : ୩ ଗିରଫ

ଭୁବନେଶ୍ୱର, ୧୩/୨ ନ୍ୟୁଜ ବ୍ୟୁରୋ

ପୁଷ୍ପା ଷ୍ଟାଇଲରେ ଗଞ୍ଜେଇ ଚାଲାଣ । କାର୍‌ର ସିକ୍ରେଟ ଚାମ୍ବରରେ ଚାଲାଣ ହେଉଥିଲା ୩୦ ଲକ୍ଷ ଟଙ୍କାର ଗଞ୍ଜେଇ । ଏକ ଘଣ୍ଟାର ଛକାପଞ୍ଝା ପରେ ଝାଡଖଣ୍ଡର ୩ ଯୁବକଙ୍କୁ କାବୁକଲା ସ୍ୱେଶାଲ କ୍ରାଇମ୍ ୟୁନିଟ । ମାଲକାନଗିରିରୁ ପଶ୍ଚିମବଙ୍ଗ ଭାୟା ଭୁବନେଶ୍ୱର । ଫିଲ୍ମ ଷ୍ଟାଇଲରେ ପୋଲିସ-ମାଫିଆଙ୍କ ଭିତରେ ଛକାପଞ୍ଝା । ଘଣ୍ଟାଏ ମିଶନ ପରେ ସ୍ୱେଶାଲ କ୍ରାଇମ ୟୁନିଟକୁ ସଫଳତା । ଆପଣ ସାଧାରଣତଃ ଫିଲ୍ମରେ ଏଭଳି ଦୃଶ୍ୟ ଦେଖିଥିବେ । କିନ୍ତୁ ଏ କୌଣସି ଫିଲ୍ମ ନୁହେଁ । ରିୟଲ ଲାଇଫରେ ଘଟିଥିବା ଏଭଳି ଘଟଣା ନିଶା ମାଫିଆଙ୍କ ନିଦ ହଜାଇଦେଇଛି । ମାଲକନାଗିରିରୁ ପଶ୍ଚିମବଙ୍ଗ ଏକ ଇଣ୍ଡେଭର କାରରେ ଗଞ୍ଜେଇ ଚାଲାଣ ନେଇ ଖବର ମିଳିଥିଲା । ସୁରାକ ପାଇବା ମାତ୍ରେ ଅତିରିକ୍ତ ଡିସିପି ସଞ୍ଜୀବ ଶତପଥୀଙ୍କ ଟିମ ଖୋର୍ଦ୍ଧା ପିତାପଲ୍ଲୀ ଛକ ନିକଟରେ ଛକି ବସିଥିଲା । ଗାଡିକୁ ଅଟକାଇବାକୁ ଚେଷ୍ଟା କରିଥିଲା ଟିମ । କିନ୍ତୁ ପଛରୁ ଆସୁଥିବା ଏହି ନାଲି ରଙ୍ଗର କାର ପୋଲିସକୁ ଧକ୍କା ଦେଇ ଖସିଯାଇଥିଲା । କିନ୍ତୁ ଟିମ ସଞ୍ଜୀବ ଥିଲେ ନଛୋଡବନ୍ଧା । ପ୍ରାୟ ୬୦ କିଲୋମିଟର ଚକାପଞ୍ଝା ପରେ ପାହାଲ ନିକଟରେ ଦୁଇଟି ଗାଡି, ୩ ଅଭିଯୁକ୍ତଙ୍କ ସହ ୩ ଶହ କେଜି ଗଞ୍ଜେଇ ଜବତ କରିଛି ପୋଲିସ । ଜବତ ଗଞ୍ଜେଇର ମୂଲ୍ୟ ୩୦ ଲକ୍ଷରୁ ଉର୍ଦ୍ଧ ହେବ । ୩ ଅଭିଯୁକ୍ତଙ୍କ ଘର ଝାଡଖଣ୍ଡ ବୋଲି ଜଣାପଡିଛି । ଦେଖନ୍ତୁ କିଭଳି ଗାଡି ସିଟ ପଛପଟେ ଚାମ୍ବର କରି ଗଞ୍ଜେଇ କାରବାର କରୁଥିଲେ ଅଭିଯୁକ୍ତ । କିଲେ କିମ୍ବା ଦୁଇକିଲୋ ନୁହେଁ, ଚାମ୍ବର ଭିତରେ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ରାଜ୍ୟ ବାହାରକୁ ଯାଉଥିଲା । ପୋଲିସକୁ ଚକମା ଦେବା ପାଇଁ ଭିନ୍ନ ଭିନ୍ନ ନମ୍ବର ପ୍ଲେଟ ବ୍ୟବହାର କରୁଥିଲେ ମାଫିଆ । ୩ ଦିନିଆ ରିମାଣ୍ଡରେ ଆଣି ସେମାନଙ୍କ ପୁରୁଣା କେସ ହିଷ୍ଟ୍ରି, ମାଷ୍ଟରମାଇଣ୍ଡ ସମ୍ପର୍କରେ ଖୋଳତାଡ଼ କରିବ ସ୍ୱେଶାଲ କ୍ରାଇମ ୟୁନିଟ । ସାରା ଓଡ଼ିଶାରେ ବୌଦ୍ଧ ଜିଲ୍ଲା ଗଞ୍ଜେଇର ହଟସ୍ପଟ ପାଲଟିଥିବା ବେଳେ ପଛକୁ ରହିଛି ମାଲକନାଗିରି ଓ କନ୍ଧମାଳ । ନିଶାଦ୍ରବ୍ୟ ଜବତରେ ସାରା ଦେଶରେ ଓଡିଶା ପୋଲିସ ଏକ ନମ୍ବର ପାଲଟିଥିବା ବେଳେ ମାଫିଆଙ୍କ ବିରୋଧରେ ଦଣ୍ଡବିଧାନ ହାର ବଢ଼ିଛି ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

